# ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

କାମାକ୍ଷାନଗର,(ସୁଖ):କାମାକ୍ଷାନଗର ତହସିଲ ଅଧୀନରେ ଥିବା ବେଆଇନ ଇଟାଭାଟି ଗୁଡିକ ଉପରେ ଆଜି ପ୍ରଶାସନ ତରଫରୁ ଚଢ଼ାଉ କରାଯାଇଛି । ତହସିଲ ଅନ୍ତର୍ଗତ ଆଳତୁମା, ଶରଧାପୁର ଓ ରାମିଆଳ ନଦୀ କଡ଼ ରେ ଥିବା ବେଆଇନ ଇଟାଭାଟି ଗୁଡିକ ଉପରେ ବୁଲଡ୍ରୋଜର ଚଳାଇଛି ପ୍ରଶାସନ । କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାଶ ଓ ପୋଲିସ ର ମିଳିତ ଉଦ୍ୟମ ରେ ବେଆଇନ ଇଟାଭାଟି ଗୁଡିକ ଭଂଗାଯାଇଛି । ସୂଚନା ଅନୁସାରେ ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ



ନଦୀ କୁଳ ରେ ଥିବା ବେଆଇନ ଇଟାଭାଟି ରେ ଦୁର୍ଘଟଣା ଘଟି ଚାରି ଜଣ ଶ୍ରମିକ ମୃତ୍ୟୁ ବରଣ କରିଥିଲେ । ଘଟଣା ର ଗୁରୁତ୍ୱ ଦୃଷ୍ଟି ରୁ ଢେଙ୍କାନାଳ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଜିଲ୍ଲା ରେ ଥିବା ସମସ୍ତ ବେଆଇନ ଇଟାଭାଟି ଗୁଡିକୁ ଭାଙ୍ଗିବା ପାଇଁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ନିଖୋଜ ୨ ଛାତ୍ର ଉଦ୍ଧାର

ଠାକୁରଗଡ଼ , (ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ହାଇସ୍କୁଲ ରେ ଥିବା ଛାତ୍ର ବାସ ରୁ ନିଖୋଜ ହୋଇଥିବା ୨ ଛାତ୍ର ଙ୍କୁ ରବିବାର ଦିନ ଉଦ୍ଧାର କରାଯାଇଛି । ନିଖୋଜ ଛାତ୍ର ଙ୍କ ଅଭିଭାବକ ଙ୍କ ଜରିଆରେ ହଣ୍ଡପା ପୋଲିସ ଅନୁଗୋଳ ବସଷ୍ଟାଣ୍ଡ ରୁ ଉଦ୍ଧାର କରିଛି । ସେମାନେ ହେଲେ ଉକ୍ତ ହାଇସ୍କୁଲ ର ନବମ ଓ ଦଶମ ଶ୍ରେଣୀ ର ଛାତ୍ର । ସେମାନ ଙ୍କୁ ପୋଲିସ ତାଙ୍କ ପରିବାର ହସ୍ତାନ୍ତର କରିଛି । ସେମାନେ ଏକ ସପ୍ତାହ ହେବ ବିଦ୍ୟାଳୟ ରେ ଥିବା ଛାତ୍ର ବାସ ରୁ ନିଖୋଜ ହୋଇଯାଇଥିବା ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନ ହଣ୍ଡପା ଥାନା ରେ ଅଭିଯୋଗ କରିଥିଲେ ।

# ଦୁର୍ଘଟଣାରେ ମହିଳା ସ୍କୁଟି ଚାଳକଙ୍କ ମୃତ୍ୟୁ

ବଅଁରପାଳ, (ସବ୍ୟୁ) :ବଅଁରପାଳ ଥାନା ଅଞ୍ଚଳ ତାଳଚେର ୧୪୯ ନମ୍ବର ଜାତୀୟ ରାଜପଥରେ ଉପରେ ଆଜି ସକାଳେ ଘଟିଛି ଯାଇଛି ଏକ ଦୁର୍ଘଟଣା । ଏହି ଦୁର୍ଘଟଣାରେ ସ୍କୁଟି ଆରୋହୀ ସୁନୀତା ସାହୁ ଟ୍ରକ୍ ର ପାର୍ଶ୍ୱ ବାଡରେ ଧକା ଲାଗି ତଳେ ଖସିପଡିଥିଲେ । ଫଳରେ ଟ୍ରକର ପଛଚକା ଉପରେ ଚଢ଼ି ଯାଇଥିଲା ଘଟଣା ସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ଖବର ପାଇ ସ୍ଥାନୀୟ ଜନସାଧାରଣ ରାସ୍ତା ଅବରୋଧ କରିଥିଲେ । ଫଳରେ ଜାତୀୟ ରାଜପଥ ତିନି ପାର୍ଶ୍ୱ ଜଥା ବଅଁରପାଳ ରୁ ଟାଟାଷ୍ଟିଲ, ବଅଁରପାଳ ରୁ ଅନୁଗୋଳ ଏବଂ ବଅଁରପାଳ । କରୁ ତାଳଚେର ପର୍ଯ୍ୟନ୍ତ ଭାରୀଯାନ ଅଟକି ରହିଥିଲା । ତିନି ପାର୍ଶ୍ୱ ରେ ବହୁ ଭାରିଯାନ ଅଟକି ରହିଥିଲା । ବଅଁରପାଳ ଥାନା ଅଧିକାରୀ ଅମିତ କୁମାର ମିଶ୍ର ନାଲକୋ ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ଏବଂ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିବା ତହସିଲଦାର ସୁଶାନ୍ତ କୁମାର ମିଶ୍ର ଆନ୍ଦୋଳନ କାରି ଙ୍କୁ ବୁଝା ସୁଝା କରିବା ସହ କ୍ଷତିପୂରଣ ବାବଦକୁ ରେଡକ୍ରସ ପକ୍ଷରୁ ୧୦ ହଜାର ଏବଂ ଟ୍ରକ୍ ମାଲିକ ପକ୍ଷ୍ୟରୁ ୨୦ ହଜାର ଟଙ୍କା ପରିବାର ବର୍ଗଙ୍କୁ ପ୍ରତିଶୃତି ମିଳିବା ପରେ ଆନ୍ଦୋଳନ ଦିନ ୧ଟାରେ ପ୍ରତ୍ୟାହୃତ ହୋଇଥିଲା । ପୋଲିସ୍ ଉପସ୍ଥିତ ରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଅଗ୍ନିଶମ ବିଭାଗ ମୃତ ଶରୀର କୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଆଇଥିଲା । ସୂଚନା ଥାଉକି ସୁନୀତା ଙ୍କ ନିଜ ଘର କଣ୍ଢେଇ ଗୋଳା ଥାନା ଝରାବେରେଣି ଗ୍ରାମରେ ସେ ସନ୍ତ୍ରୀ ଅଞ୍ଚଳ ରେ ଏକ ଭଡା ଘରେ ରହି ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଠିକା ନର୍ସ ଭାବେ କାମକରୁଥିଲେ । ଆଜି ସକାଳୁ ନିଜ ସ୍କୁଟି ଯୁଗେ ଘରୁ ବାହାରି ବଅଁରପାଳ ଥିବା ଏକ ଘରୋଇ ବିଦ୍ୟାଳୟ ରେ ପୁଅକୁ ସ୍କୁଲ୍ ରେ ଛାଡି ଜାତୀୟ ରାଜପଥ ୧୪୯ ନମ୍ବର କୁ ଉଠି ନିକଟସ୍ଥ ମେଡିକାଲ କୁ ଯାଇଥାନ୍ତେ । ଏହି ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ ବଅଁରପାଳ ଥାନା ପୋଲିସ ଟ୍ରକ ଡ୍ରାଇଭରକୁ ଗିରଫ କରିବା ସହ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ କରୁଛନ୍ତି ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକର ଛାୟା

ପାଲଲହଡା, (ସବ୍ୟୁ) : ଜଣେ ସଂଗ୍ରାମୀ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଜଣାଶୁଣା ବିଷ୍ଣୁପ୍ରିୟା ଦାସ ଙ୍କର ୭୫ବର୍ଷ ବୟସରେ ପରଲୋକ ହୋଇଯାଇଛଇ । ଦୀର୍ଘ ଦିନ ହେଲା ଶ୍ରୀମତୀ ଦାସ କର୍କଟ ରୋଗରେ ପୀଡିତ ହୋଇ କଟକ ର ଏକ ପ୍ରାଇଭେଟ ନର୍ସିଙ୍ଗ ହୋମ ରେ ଚିକିତ୍ସିତ ହେଉଥିଲେ । କଟକସ୍ଥିତ ଝିଅଘରେ ରହି ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଗଗନ ବିହାରୀ ପାଢ଼ୀ, ଏକ ମାତ୍ର ପୁତ୍ର ଅୟସକାନ୍ତ ପାଢ଼ୀ (ଡେନିନ), ଝିଅ ପ୍ରିୟଙ୍କା ପାଢ଼ୀ (ନିଡି), ପୁତ୍ରବଧୂ, ଜ୍ୱାଇଁ, ନାତି ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ । ୧୯୭୧ମସିହାରେ ଜଣେ ଶିକ୍ଷୟିତ୍ରୀ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ଜଣେ ମିଷ୍ଟଭାସି, ଛାତ୍ର ବତ୍ସଳ, ପରୋପକାରୀ ଓ ଈଶ୍ୱରବିଶ୍ୱାସୀ ଭାବେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ । କପ୍ତିପଦା ବାଳିକା ହାଇସ୍କୁଲ ରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଥିବା ସମୟରେ ସରକାର ଉକ୍ତ ବିଦ୍ୟାଳୟ କୁ ଉଠାଇଦେବାର ନିଷ୍ପତି ନେଇଥିଲା ବେଳେ ନିଜ ଚାକିରୀଜୀବନକୁ ବାଜି ଲଗାଇ ହାଇକୋର୍ଟ ର ଦ୍ୱାରସ୍ଥ ହୋଇ ଶେଷରେ ସରକାରଙ୍କ ନିଷ୍ପତି ପ୍ରତ୍ୟାହାର କରିବାର କୋର୍ଟ ରାୟ ବଳରେ ଉକ୍ତ ସ୍କୁଲ ଟିକୁ ବଞ୍ଚାଇ ରଖିବାରେ ସମର୍ଥ ହୋଇଥିଲେ । ଶେଷରେ ସଂଗ୍ରାମୀ ବିଷ୍ଣୁପ୍ରିୟା କୋଷ୍ଠା ହାଇସ୍କୁଲ ରୁ ୨୦୦୭ମସିହାରେ ଦୀର୍ଘ ୩୬ବର୍ଷ କାଳ ନିଜ କର୍ମମୟ ଚାକିରିରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ଖବର ସମଗ୍ର କପ୍ତିପଦା ଅଂଚଳ ଓ ଜନ୍ମିତ ଗ୍ରାମରେ ରେ ଶୋକର ଛାୟା ଖେଳାଇଦେଇଛି ।ଏକାଦଶାହ କାର୍ଯ୍ୟକ୍ରମ ରେ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ ।

# ସାତକଡ଼ି ହୋତାଙ୍କ ପରଲୋକରେ ସାଂସଦଙ୍କ ଶୋକ

ଢେଙ୍କାନାଳ, (ସବ୍ୟୁ) : ବିଶିଷ୍ଟ ସାହିତ୍ୟିକ ତଥା ସାହିତ୍ୟ ସଂଗଠକ ସାତକଡି ହୋତାଙ୍କର ପରଲୋକରେ ଢେଙ୍କାନାଳ ସାଂସଦ ମହେଶ ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ହୃଦୟବାନ ବ୍ୟକ୍ତି ଥିଲେ । ସେ ସମୟରେ ଜଣେ ଛାତ୍ର ନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ପ୍ରଥମେ ଓଡିଶା ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭାରତୀୟ ରେଳବାଇ ସେବାରେ ଯୋଗ ଦେଇଥିଲେ । ୯୫ ବର୍ଷ ବୟସରେ ଚଳଚଂଚଳ ଥାଇ ବିଭିନ୍ନ ସାହିତ୍ୟ ସଂଗଠନ କରିବା ଓ ସଭାସମିତିରେ ସାହିତ୍ୟ ଚର୍ଚ୍ଚା ସହ ସାହିତ୍ୟ ସୃଷ୍ଟିରେ ସମୟ କଟାଉଥିଲେ । ତାଙ୍କ ମୃତ୍ୟୁରେ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ସାଂସଦ ଶ୍ରୀ ସାହୁ କହିଛନ୍ତି । ଏହି ଦୁଃଖଦ ସମୟରେ ତାଙ୍କ ପରିବାର ବର୍ଗଙ୍କୁ ପ୍ରଭୁ ଶ୍ରୀ ଜଗନ୍ନାଥ ସହାୟ ହୁଅନ୍ତୁ ବୋଲି ସାଂସଦ ଶ୍ରୀ ସାହୁ ପ୍ରାର୍ଥନା କରିଛନ୍ତି ।

# ତଳମୂଳ ଉଚ୍ଚ ବିଦ୍ୟାଳୟ ୧୯୮୨ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ




ଅନୁଗୋଳ, (ସବ୍ୟୁ) : ଅନୁଗୋଳ ନିକଟସ୍ଥ ଚଣ୍ଡୀଖମଣରେ ଥିବା ମା ଚଣ୍ଡୀ ମନ୍ଦିର ପ୍ରଙ୍ଗଣରେ ତଳମୂଳ ଉଚ୍ଚ ବିଦ୍ୟାଳୟର ୧୯୮୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କର ଦ୍ୱିତୀୟ ବର୍ଷର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଦିର୍ଘ ୪୨ ବର୍ଷରେ ସାଙ୍ଗ ସାଥୀମାନେ ପୁଣି ଥରେ ଏକାଠୀ ମିସିବାର ସୁଯୋଗ ପାଇଥିବାରୁ ବହୁତ ଆନନ୍ଦ ଅନୁଭବ କରିଥିଲେ । ଛାତ୍ର ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ୧୯୮୨ ମସିହାର ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ସ୍କୁଲର ବିକାଶରେ ସହଯୋଗର ହାତ ବଢାଇବା ପାଇଁ ସର୍ବ ପ୍ରଥମେ ନିଷ୍ପତି ନେଇଥିଲେ । ଏହି କାର୍ଯ୍ୟ ପାଇଁ ପ୍ରଥମେ ଛାତ୍ରୀ ଯଶୋବନ୍ତୀ ଦାଶ ୨୦୦୦ ଟଙ୍କା ଦାନ କରିଥିଲେ । ଏହି ବୈଠକରେ ଛାତ୍ରଛାତ୍ରୀମାନେ ନିଜ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଛାତ୍ର ଜୀବନରେ ଘଟିଥିବା ଅତୀତର ସ୍ମୃତିକୁ ମନେ ପକାଇ ଖୁସି ବ୍ୟକ୍ତ କରିଥିଲେ । ମନୋରନ କାର୍ଯ୍ୟକ୍ରମରେ ପ୍ରତାପ ତ୍ରିପାଠୀ, ଉଷାରାଣୀ ଦାଶ ଓ ପୁଷ୍ପଲତା ପୃଷ୍ଟି ପ୍ରମୁଖ ଭଜନ ବୋଲି ସମସ୍ତଙ୍କ ମୁହଁରେ ହସ ଫୁଟାଇଥିଲେ । ଏହି ବନ୍ଧୁ ମିଳନ ଆୟୋଜନ ପାଇଁ ସରୋଜ କୁମାର ନନ୍ଦ, ବିନୟ କୁମାର ଦାସ, ହିରଣ୍ୟ ତ୍ରିପାଠୀ, ତପନ କୁମାର ବେହେରା, ପବିତ୍ର ପାଣିଗ୍ରାହୀ, ନିରୋଦ କୁମାର ବେହେରା, ସୌଭାଗ୍ୟ ବିଶୋଇସିଂ ଓ ଦିଲ୍ଲୀପ ବେହେରା ଆଦି ଯେଉଁମାନେ ବହୁ ପରିଶ୍ରମ କରି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ସଫଳ କରାଇଛନ୍ତି ସେମାନଙ୍କୁ ସର୍ବସମ୍ମତି କ୍ରମେ ଧନ୍ୟବାଦ ପ୍ରଦାନ କରାଯାଇଥିଲା

# ଯୁବକଙ୍କୁ ମାଡ଼ ଅଭିଯୋଗ

ପାଇକସାହି ,(ସବ୍ୟୁ): ଠାକୁରଗଡ଼ ଥାନା ରାଇନାଳୀ ଗ୍ରାମର ଅକ୍ଷୟ କୁମାର ନାୟକ ଙ୍କୁ ଆମ୍ବସରମୁଣ୍ଡା ପଞ୍ଚାୟତ ର ଚୌଧୁରୀ ସାଏ , ତରଣି ସେନ ନାୟକ , ଟଙ୍କଧର ନାୟକ ତାଙ୍କୁ ମାଡ଼ ମାରିଥିବା ରବିବାର ଦିନ ଠାକୁରଗଡ଼ ଥାନା ରେ ଅକ୍ଷୟ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୩୧/୨୪ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିବା ଅନୁଯାୟୀ ଆମ୍ବସରମୁଣ୍ଡା ଠାରେ ଗୋଣ୍ଡ ସମାଜ ର ବୈଠକ ଚାଲିଥିବା ବେଳେ ଅକ୍ଷୟ ଉପସ୍ଥିତ ଥିଲେ । ହେଲେ ସେ କିଛି ଦିନ ପୂର୍ବେ ତାଙ୍କର ସମାଜ ର କିଛି ସଭ୍ୟ ଙ୍କ ସହ ପୁରୀ ଓ ନବୀନ ନିବାସ ଯାଇଥିବା ବେଳେ ଏହାକୁ ନେଇ ଆଲୋଚନା ହୋଇଥିଲା ଛପରେ ଅକ୍ଷୟ ଙ୍କୁ ଉକ୍ତ ୩ ଜଣ ମାଡ଼ ମାରିଥିବା ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି ।

# ଦେଶୀମଦ ସହ ବାଇକ ଜବତ ଜଣେ ଗିରଫ

ପାଞ୍ଚପୀଢ, (ସବ୍ୟୁ) : ମୟୁରଭଞ୍ଜ ଜଲ୍ଲା କରଞ୍ଜିଆ ପୋଲିସ ରବିବାର ସନ୍ଧ୍ୟାପ୍ରାୟ ସାଢ଼େ ୭ ଟା ସମୟରେ କରଞ୍ଜିଆ ବ୍ଲକ ଦରି ପଞ୍ଚାୟତ ମଡା ଛକ ଠାରେ ଏକ ବାଇକ ଯୋଗେ ୬୦ ଲିଟର ବେଆଇନ ଦେଶୀ ମଦ ନେଇ ମଡା ଗ୍ରାମର ସ୍ୱର୍ଗତ ନାଥ ବାଙ୍କିରା ପୁଅ ସର୍ବେଶ୍ୱର ବାଙ୍କିରା (୪୦) ଯାଉଥିବା ବେଳେ ଦେଖି ତଲାସୀ କରିଥିଲେ।ତା ନିକଟରୁ ୬୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା।। ଏକ ଅବକାରୀ କେଶ୍ ନମ୍ବର ୫୨/୨୪ ଦାୟାର କରାଯାଇ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଫିସର ବଳରାମ ମହାରଣା ସୂଚନା ଦେଇଛନ୍ତି।

# ସଶକ୍ତ ଓଡ଼ିଶା ସାଥୀ ଶିବିର

ବେତନଟୀ , (ସବ୍ୟୁ) : ଓଡ଼ିଶା ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ସଶକ୍ତ ଓଡ଼ିଶା ବିକଶିତ ଓଡ଼ିଶା – ଓଡ଼ିଶା ସାଥୀ ଶିବିର ଜନଜାତି ସଂସ୍କୃତି ଓ ପ୍ରଗତିକୁ ନେଇ ଏକ ଦିନିକିଆ କାର୍ଯ୍ୟକ୍ରମ ବେତନଟୀ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଡ଼ିଓ ଅମୃତ କୁମାର ରାଉଳ, ବ୍ଲକ ଉପାଧକ୍ଷ ଦେବଦତ୍ତ ତିଆଡି, ଅତିରିକ୍ତ ବିଡିଓ ଗଗନ ବେହେରା, ୩୫ନଂ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିବା ସହିତ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ସ୍ମୃତିଲିପି ସାହୁ ଆଜିର ଏହି ଓଡ଼ିଶା ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହିତ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ବହୁବିଧ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଜନଜାତିମାନଙ୍କ ସଂସ୍କୃତି, ପ୍ରଗତି ଓ ପରମ୍ପରା ଆଜି ବି ଓଡ଼ିଶାର ଆଦିବାସୀମାନଙ୍କ ଘରେ ଘରେ ବର୍ଷର ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଇ ଆସୁଥିବାବେଳେ ଏହାକୁ ଅଧିକ ଉଦଜୀବିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରାୟାସ ସ୍ୱାଗତଯୋଗ୍ୟ ବୋଲି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କହିଥିଲେ ।ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ମୋ ଜଙ୍ଗଲ ଜମି ଯୋଜନା ଓଡ଼ିଶା ଆଦିବାସୀ ଉନ୍ନୟନ ସମିତି (ଓଟିଡିଏସ) ବନଧନ ବିକାଶ କାର୍ଯ୍ୟକ୍ରମ ଆଦି ଭଳି ବହୁ ପ୍ରକାରର ଉନ୍ନୟନ ଯୋଜନା ନବୀନ ପଟ୍ଟନାୟକଙ୍କ ପ୍ରେରଣାରେ ରାଜ୍ୟର କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ହେଉଥିବା ଯୋଗୁଁ ଆଦିବାସୀ ସଂପ୍ରଦାୟ ଆଜି ରାଜ୍ୟରେ ଅବହେଳିତ ହୋଇରହି ନାହାନ୍ତି । ଶେଷରେ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ମଦନ ସିଂ ଧନ୍ୟବାଦ ଅର୍ପଣ ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

# ବଡ଼ଗୁଣ୍ଡୁରି ଏସ୍ଏସ୍ଭିଏମ ବାର୍ଷିକ ଉତ୍ସବ




କଣିହା, (ସବ୍ୟୁ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡଗୁଣ୍ଡୁରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏକାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ପ୍ରଧାନ , ସମ୍ମାନୀତ ଅତିଥି ଭାବରେ ଡାକ୍ତର ସୁମନ୍ତ କୁମାର ପଟେଲ, ମାର୍ଗଦର୍ଶକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ , ଆଶୋକ କୁମାର ହୋତା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଉତ୍ସବରେ ବିଦ୍ୟାଳୟର ସଭାପତି କୈଳାଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ , ସଂପାଦକ କୁଳମଣି ସାହୁ ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ କ୍ଷୀରୋଦ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ । ଉତ୍ସବରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ , ଅଚାର୍ଯ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବାଉଁଶପୋଖରୀ ପଞ୍ଚାୟତରେ ସଚେତନତା ଶିବିର

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳବ୍ଲକ୍ ବାଉଁଶପୋଖରୀ ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମୋ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ୨ନମ୍ବର୍ ଜୋନ ଜିଲ୍ଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିବାବେଳେ ବାଉଁଶପୋଖରୀ ସରପଞ୍ଚ ରଞ୍ଜିତ ପ୍ରଧାନ ପୌରୋହିତ୍ୟ କରିଥିଲେ । ଅତିଥି ଭାବରେ ନାଏବ ସରପଞ୍ଚ ଘଣ୍ଟି ନାଏକ, କନ୍ତାମିଲା ସରପଞ୍ଚ ସୁନନ୍ଦା ଅମାନ୍ତଙ୍କ,ବିଜେଡି ଜିଲ୍ଲାସମ୍ପାଦକ ତଥା ସାମ୍ବାଦିକ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା,ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା,ପଞ୍ଚାୟତର ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି, ଛାତ୍ରଛାତ୍ରୀ, ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ମୁଖ୍ୟଅତିଥି ସୁମନ୍ତ ଦେହୁରୀ ଓ ସରପଞ୍ଚ ରଂଜିତ ପ୍ରଧାନ ଅବଗତ କରାଇଥିଲାବେଳେ ବହୁ ସଂସ୍କୃତିକ କାର୍ଯ୍ୟକ୍ରମ ଓ ପୁସ୍ତିକା ମାଧ୍ୟମରେ ସଚେତନତା କରାଯାଇଥିଲା । ବାଉଁଶପୋଖରୀ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ୧୮ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ୍ୟ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ୧୧୫୮ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ, ୧୦୦୩ ଗରୀବ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ,୬୫୪ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଏବଂ ୮୪୫ ଗର୍ଭବତୀ ମହିଳାଙ୍କୁ ମମତା ଯୋଜନା ମାଧ୍ୟମରେ ସହାୟତା ରାଶି ଭଳି ଅନେକ ଯୋଜନାରେ ପଞ୍ଚାୟତରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକୁ ଲୋକଲୋଚନକୁ ଅଣାଯାଇ ଅବଗତ କରାଯାଇଥିଲା । ପଞ୍ଚାୟତରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ତଥା ବାଉଁଶପୋଖରୀ ଠାରେ ଆଡ଼ିବନ୍ଧ ନିର୍ମାଣ, ପଶୁ ଚିକିତ୍ସାଳୟର ଉନ୍ନତିକରଣ, ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର,ବରଡାପାଳ ଠାରେ ହେଇଥିବା ଅମୃତ ସରୋବର, ବାଉଁଶପୋଖରୀ ଗ୍ରା.ପ ସରକାରୀ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ, ମିଶନଶକ୍ତି ଗୃହ ଏବଂ ଗୋଷ୍ଠୀ ଶୌଚାଳୟ ନିର୍ମାଣ, ଆମ ବ୍ୟାଙ୍କ ଗୃହ ନିର୍ମାଣ, ନୂଆକୋଟ ମଣ୍ଡଇଲ ଠାରେ ଟ୍ରେଞ୍ଚ ଖନନ ଇତ୍ୟାଦି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାବଦରେ ଲୋକ ମାନଙ୍କୁ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଏବଂ ନାଚ ଗୀତରେ ଦର୍ଶକ ଝୁମିବା ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରଯାଇଥିଲା

# କୋଲବ୍ଲକ ଘରୋଇକରଣ ପ୍ରତିବାଦରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର , (ସବ୍ୟୁ): ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ କୋଲବ୍ଲକ ଘରୋଇକରଣ ପ୍ରତିବାଦରେ ବିଶାଳ ସଭାଯାତ୍ରା ମାଧ୍ୟମରେ ଆଜି ତାଳଚେର ନିର୍ବାଚନ ମଣ୍ଡଳୀର ସମସ୍ତ ଲୋକପ୍ରତିନିଧିଙ୍କ ସହ କଙ୍କିଳି, ଧରମପୁର, ସ୍କଟଲ୍ୟାଣ୍ଡପୁର, ରସାଳପୁର, କିଶୋରରୀପାଳ, ବନମାଳିପୁର, ସରେଇଲୋ, ରାମଚନ୍ଦ୍ରପୁର, କାକୁଡ଼ିଆ, ହରିହରପୁର, ଦୁମଦୁମା, ଗୋପବନ୍ଧୁପୁର, ରାଧାରମଣପୁର, ରଙ୍ଗପୁର, ଲୁହୁଣ୍ଡି, ଅରଖପାଳ, ଯଦୁନାଥପୁର, ଶରକିଶୋରପାଳ, ବିରାମଚନ୍ଦ୍ରପୁର, କାଳନ୍ଦୀ ପ୍ରସାଦ, ବୁଟାସାହି, ଶ୍ରୀରାମପୁର, ବଲାଙ୍ଗୀ ନୂଆଁସାହି, ଏକଡ଼ାଳ, ରଘୁନାଥପୁର, ଚନ୍ଦ୍ରବିଲ୍, ଧୁବାପାଳ, ଗ୍ରାମ ଗୁଡ଼ିକର ଗ୍ରାମବାସୀଙ୍କ ଉପସ୍ଥିତିରେ ତାଳଚେର ଉପଜିଲ୍ଲାପାଳଙ୍କ ଜରୀଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ୍ ସଭା କରିଥିଲେ । ଘଟଣାରୁ ପ୍ରକାଶ, ଉପରୋକ୍ତ ଗ୍ରାମଗୁଡ଼ିକ ଘରୋଇ ସଂସ୍ଥା ହାତକୁ ଟେକି ଦେଉଥିବାରୁ ଏହାକୁ ଅଂଚଳବାସୀ ତୀବ୍ର ବିରୋଧ କରିବା ସହ ଏହି ଜମି ଗୁଡ଼ିକୁ ଏମସିଏଲ ଅଧିଗ୍ରହଣ କରିବାକୁ ଦାବି କରି ଆସୁଛନ୍ତି । ଏହି ଶୋଭଯାତ୍ରାରେ ହଜାର ହଜାର ଗ୍ରାମବାସୀ ସାମିଲ ଥିଲେ

# ଗଁଦିଆ ଉଚ୍ଚ ବିଦ୍ୟାଳୟ ୧୯୭୧ ଓ ୭୨ ବ୍ୟାଚ୍ ବନ୍ଧୁମିଳନ

ଢେଙ୍କାନାଳ, (ସବ୍ୟୁ) : ଗଁଦିଆ ଉଚ୍ଚ ବିଦ୍ୟାଳୟ ୧୯୭୧ ଓ ୭୨ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀମାନଙ୍କର ସୁବର୍ଣ୍ଣ ଜୟନ୍ତୀ ବନ୍ଧୁମିଳନ ମହୋତ୍ସବ ଓ ବଣଭୋଜି ଅନୁଷ୍ଠିତ ହୋଇଯାଇଅଛି । ଏହି ବନ୍ଧୁମିଳନରେ ୭୦ରୁ ଅଧିକ ପୁରାତନ ଛାତ୍ର ବନ୍ଧୁ ଓ ବନ୍ଧୁ ପତ୍ନୀମାନଙ୍କୁ ନେଇ ଏହି ବ୍ୟାଚ୍‌ର ଛାତ୍ର ଅବସରପ୍ରାପ୍ତ ଜଜ୍ ଭିକାରୀ ଚରଣ ରାଉତଙ୍କ ସଭାପତିତ୍ୱରେ ଗଁଦିଆ ବ୍ଲକ୍‌ର ଡାଳସିଂହା ମାର୍ଥାପୁର ମା' ଖଣ୍ଡୋଉଣୀ ପୀଠ ନିକଟ ଶାଳବଣରେ ଧୁମଧାମ୍‌ରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବନ୍ଧୁମିଳନ ଓ ବଣଭୋଜିରେ ମିୟୁଜିକ୍ ଚେୟାର୍ ଖେଳ, ନାଚ ଓ ଗୀତକୁ ସମସ୍ତେ ଉପସ୍ଥିତ ବନ୍ଧୁ ଓ ବନ୍ଧୁ ପତ୍ନୀମାନେ ଭାଗନେଇ ହସଖୁସିରେ ଉପଭୋଗ କରିଥିଲେ । ଏହି ବନ୍ଧୁମିଳନ ମହୋତ୍ସବରେ ପୁରାତନ ଛାତ୍ର କର୍ମଯୋଗୀ ଯୋଗିନାଥ ମହାନ୍ତିଙ୍କୁ ଜିଲ୍ଲାର ତଥା ବାହାରେ ବିଭିନ୍ନ ସାମାଜିକ ସଂଗଠନ/ ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ଭାବରେ ଦାୟିତ୍ୱ ସମ୍ପନ୍ନ କରୁଥିବାରୁ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମେଧାବୀ ଛାତ୍ର ଅନନ୍ତ ଚରଣ ଶତପଥୀ, ଶ୍ୟାମସୁନ୍ଦର ସ୍ୱାଇଁ, ଅନନ୍ତ ଚରଣ ନାୟକ ଓ ଗଁଦିଆ ସରପଂଚ ସୁଲୋଚନା ଜେନା ୨ଥର ଗଁଦିଆର ସରପଂଚ ଭାବରେ ଏ ଅଂଚଳର ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବଂଧୁ ମିଳନରେ ପୁରାତନ ଛାତ୍ର ବିଶ୍ୱନାଥ ଜେନା, ମଙ୍ଗରାଜ ବାରିକ, ଉପେନ୍ଦ୍ର ସ୍ୱାଇଁ, ଗଙ୍ଗାଧର ବେହେରା, ହୃଦାନନ୍ଦ ପ୍ରଧାନ, ମୋହନ ସାହୁ, ପ୍ରାଣବନ୍ଧୁ ସାହୁ, ହୃଦାନନ୍ଦ ପାତ୍ର, ବସନ୍ତ ପରିଡା, ଅକ୍ଷୟ ମହାନ୍ତି, ଦାମୋଦର ସ୍ୱାଇଁ, ବିଜୟ ପାଣି ଓ ଅନ୍ୟ ବନ୍ଧୁମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବ ଶେଷରେ ଯୋଗୀନାଥ ମହାନ୍ତି ସମସ୍ତ ବନ୍ଧୁ ଓ ବନ୍ଧୁ ପତ୍ନୀମାନେ ଯୋଗଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କର ଦୀର୍ଘ ନିରୋଗ ଜୀବନ କାମନା କରି ଆସନ୍ତା ବର୍ଷ ୨୦୨୫ ମସିହାରେ ଏକାଠି ହେବାର ଆଶାବ୍ୟକ୍ତ କରିଥିଲେ । ସମସ୍ତ ବନ୍ଧୁମାନଙ୍କୁ ହ୍ୱାଟସ୍-ଆପ୍ ଗ୍ରୁପ୍‌ରେ ସାମିଲ୍ ହେବା ପାଇଁ ଅନୁରୋଧ କରିଥିଲେ ।

# ମାନବ ଜୀବନ ସାର୍ଥକ ପାଇଁ ଠାକୁରଙ୍କ ଶରଣାପନ୍ନ ଆବଶ୍ୟକ

ଅନୁଗୋଳ ,(ସବ୍ୟୁ) : ଅନୁଗୋଳ ସତ୍‌ସଙ୍ଗ ବିହାର ପରିସରରେ ଆଜି ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଶୁଭ ଜନ୍ମମହାତ୍ସୋବ ଏବଂ ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ବଡ଼ଦାଙ୍କ ୧୧୩ତମ ଜନ୍ମ ମହୋତ୍ସବ ଓ ଅନୁଗୋଳ ସତ୍ସଙ୍ଗ ବିହାରର ୨୬ତମ ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଆଜି ବ୍ରହ୍ମ ମୁହୂର୍ତ୍ତେ ବେଦ ମାଙ୍ଗଳିକ ଓ ନହବତ୍ ଉଷା କୀର୍ତ୍ତନ ସମବେତନ ବିନତୀ ଓ ସଦ୍‌ଗ୍ରନ୍ଥ ପାଠ ସମେତ ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନ ମାଧ୍ୟମରେ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ମାଧବ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସତ୍‌ସଙ୍ଗ ଓ ସଦା ଆଲୋଚନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ବିଭୂତି ଭୂଷଣ ପତି ସହ ପ୍ରତିରିତିକ କଟକ ଯୋଗଦାନ କରି ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟଜୀବନ ଓ ବିଭିନ୍ନ ଘଟଣା ବଳିକୁ ଉତ୍‌ଥାପନ କରିଥିଲେ। ମଣିଷ ଯଦି ଠାକୁରଙ୍କୁ କେନ୍ଦ୍ରକରି ଜୀବନ ଅତିବାହିତ କରେ ତେବେ ଆସୁଥିବା ବିପଦ ଆପଦରୁ ଅନେକାଂଶରେ ରକ୍ଷା ପାଇଥାଏ। ତେଣୁ ମାନବ ଜୀବନ ସାର୍ଥକ ପାଇଁ ଠାକୁରଙ୍କ ଶରଣାପନ୍ନ ନିହାତି ଆବଶ୍ୟକ ବୋଲି ମୁଖ୍ୟ ବକ୍ତା ଶ୍ରୀ ପତି ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଅତିଥି ଗଣ ଶ୍ରୀ ଶ୍ରୀ ଠାକୁରଙ୍କ ଭାବାଦର୍ଶ ସ୍ମରଣିକା 'ଉତ୍ସାରଣା'ର ଉନ୍ମୋଚନ କରିଥିଲେ। ଏହି ଅବସରରେ ସହପ୍ରତିରିତିକ ନିମାଁଇ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ସୁ-ସଜ୍ଜିତ ଠାକୁରଙ୍କ ରଥ ନଗର ପରିକ୍ରମା କରିଥିଲା। ଏତଦ୍ ବ୍ୟତିତ ସୁଲୋଚନା ସାମଲ ଓ କଳ୍ପନା ଗଡ଼ନାୟକ ମା'ଙ୍କ ତତ୍ତ୍ୱାବଧାନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସତ୍‌ସଙ୍ଗ ଅନୁଷ୍ଠାନରୁ ହଜାର ହଜାର ଗୁରୁ ଭାଇ ମା' ଇଷ୍ଟପ୍ରାଣ ଭକ୍ତ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭିକ ସହ-ପ୍ରତିରିତିକ୍ ତାରାକାନ୍ତ ବେହେରା ସୂଚନା ପ୍ରଦାନ କରିଥିବା ବେଳେ ମାଧବ ଚନ୍ଦ୍ର ସାହୁ ସମାପନୀ ସୂଚନା ପ୍ରଦାନ କରିଥିଲେ। ସହ-ପ୍ରତିରିତିକ୍ ଅଶୋକ କୁମାର ଗଡ଼ନାୟକ, ପିତାମ୍ବର ସାମଲ, ଅଧ୍ୱର୍ଯ୍ୟ ଅଚ୍ୟୁତାନନ୍ଦ ବାହିଆ, ଅମ୍ବୁଜ କୁମାର ସାହୁ, ଯାଜକ ଲକ୍ଷ୍ମୀଧର ଦାଶ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଜୟ କୁମାର ଚୌଧୁରୀ, ସୌମେନ୍ଦ୍ର ସ୍ୱାଇଁ, ବିମଳ କୁମାର ବେହେରା, ପ୍ରତାପ ଚନ୍ଦ୍ର ସାହୁଙ୍କ ସମେତ ସୁରେଶ ଚନ୍ଦ୍ର ତ୍ରିପାଠୀ, ବିନୋଦ କୁମାର ସାହୁ, ମନୋଜ ସାହୁ, ବିକ୍ରମ ପରିଡ଼ା, ତାପସ ମହାଖୁଡ଼, ସୁଶାନ୍ତ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।।



# ଧରଣୀଧର ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

ଠାକୁରଗଡ଼,(ସବ୍ୟୁ): ଗ୍ରାମାଞ୍ଚଳ ରେ କିଭଳି ଶିକ୍ଷା ର ବିକାଶ ହେବ ସେ ନେଇ ସରକାର ଅନେକ ଯୋଜନା କାର୍ଯକାରୀ କରିଛନ୍ତି । ସମସ୍ତେ କିଭଳି ଶିକ୍ଷାଦାନ ଅର୍ଜନ କରିବେ ସେ ନେଇ ଶିକ୍ଷକ ସମାଜ ଅଧିକ ଯତ୍ନବାନ ହୁଅନ୍ତୁ । ଶିକ୍ଷା ର ପ୍ରସାର ଉପରେ ଅଭିଭାବକ ମାନେ ଧ୍ୟାନ ଦେଲେ ଅନେକ ପିଲା ମାନେ ମେଧାବୀ ଛାତ୍ରୀ ଛାତ୍ର ହୋଇପାରିବେ ବୋଲି ରବିବାର ଦିନ କିଶୋରନଗର ବ୍ଲକ ବଇଣ୍ଡା ଧରଣିଧର ପବ୍ଲିକ ସ୍କୁଲ ର ବାର୍ଷିକ ଉତ୍ସବ ରେ ଯୋଗ ଦେଇଥିବା ଅତିଥି ମାନେ ମତ ପ୍ରକାଶ କରିଥିଲେ । ବିଦ୍ୟାଳୟ ର ଅଧକ୍ଷ ପ୍ରିୟରଞ୍ଜନ ସାହୁ ଙ୍କ ସଭାପତି୍ ରେ ଅନୁଷ୍ଠିତ କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ପ୍ରଧାନ , ବିଦ୍ୟାଳୟ ର ସମ୍ପାଦକ ମାନସ ରଞ୍ଜନ ସାହୁ ଯୋଗ ଦେଇଥିଲେ । ଏହି କାର୍ଯକ୍ରମ କୁ ଶିକ୍ଷୟତ୍ରୀ ଅଲେଖା ଦେବ ଓ ଶିକ୍ଷକ ହିମାଂଶୁ ଶେଖର ସାହୁ ପରିଚାଳନା କରିଥିଲେ । ଏହି ଅବସର ରେ ବିଦ୍ୟାଳୟ ରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତି ଅର୍ଜନ କରିଥିବା ଛାତ୍ରୀ ଛାତ୍ର ମାନେ ଙ୍କୁ ଅତିଥି ମାନେ ପୁରସ୍କାର ବଣ୍ଟନ କରିଥିଲେ । ଶେଷରେ ଛାତ୍ରୀ ଛାତ୍ର ଙ୍କ ଦ୍ୱାରା ସଂଛସୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଅଜିତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।ଛନ୍ମୟୀ ସାହୁ , ମମତା ବୋଷ , ଦୀପ୍ତିମୟୀ ମିଶ୍ର , ନବୀନ ନାୟକ , ମାନସ ସାଥୁଆ , ବିପିନିକୁମାର ବେହେରା , ସୁଶାନ୍ତ କୁମାର ସାହୁ , ସୋମାଲିନି ସାହୁ ସହଯୋଗ କରିଥିଲେ ।



# ଭିନ୍ନକ୍ଷମ ଝିଅ ଭବିଷ୍ୟତକୁ ନେଇ ଅସହାୟ ଜେଜେବାପା ଓ ଜେଜେମା'



ସିମୁଳିଆ,(ସବ୍ୟୁ) :ପ୍ରତ୍ୟେକ ଧର୍ମରେ ଝିଅଟିଏ ଜନ୍ମ ହେଲେ ଶୁଭ ବୋଲି ବିବେଚନା କରାଯାଇଥାଏ । ହେଲେ ଏହି କୁନି ଝିଅଟିକୁ ନେଇ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇପଡିଛନ୍ତି ଜେଜେବାପା ଓ ଜେଜେମାଆ । ୬ବର୍ଷର ନାତୁଣୀଟି ଜନ୍ମରୁ ଦିବ୍ୟାଙ୍ଗ ଏବଂ ମା ପିଲାଟିକୁ ଛାଡି ଚାଲିଯିବା ପରେ ଚିନ୍ତିତ ହୋଇ ପଡିଛନ୍ତି ଉଭୟ । ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଈଶ୍ୱରପୁର ପଞ୍ଚାୟତର କଳାଶୁଣୀ ଗ୍ରାମର ଗୋବିନ୍ଦ ପଣ୍ଡା(୬୪)ଙ୍କ କ୍ଷେତ୍ରରେ । ଗୋବିନ୍ଦଙ୍କ ନାତୁଣୀ ସୁଚିସ୍ମିତା ୬ବର୍ଷ ତଳେ ଜନ୍ମ ହୋଇଥିଲା । ଜନ୍ମ ପରେ ପିଲାଟିର ପିଠି ମେରୁଦଣ୍ଡରେ ଏକ ଟ୍ୟୁମର ହୋଇଥିଲା । ବୟସ ସହ ଟ୍ୟୁମରଟି ବଢିବାକୁ ଲାଗିଥିଲା । ଆର୍ଥିକ ପରିସ୍ଥିତି ଭଲ ନ ଥିବାବେଳେ ବହୁ କଷ୍ଟରେ ଟ୍ୟୁମରର ଅସ୍ତ୍ରୋପଚାର କରି ଭଲ କରି ଆଣିଥିଲେ ଜେଜେ ବାପା ଗୋବିନ୍ଦ । କିଛି ବର୍ଷ ପରେ ବୟସ ବୃଦ୍ଧି ହେଉଥିଲେ ବି ପିଲାଟି ଶୋଇବା ଶେଯରୁ ଉଠିବା,ବସିବା ଦେଖିବାକୁ ମିଳି ନ ଥିଲା । ବହୁତ ଡାକ୍ତର ଓ ଔଷଧ ଦେବା ପରେ ପରିବାର ଜାଣିବାକୁ ପାଇଥିଲେ ଯେ କୁନି ଝିଅଟି ଏକ ଦିବ୍ୟାଙ୍ଗ । ଏଭଳି ଅବସ୍ଥାରେ ଝିଅଟିର ମାଆ ଦିବ୍ୟାଙ୍ଗ ଝିଅଟିକୁ ଛାଡି ବର୍ଷେରୁ ଊର୍ଦ୍ଧ୍ୱ ହେବ କେଉଁ ଆଡେ ଚାଲିଯିବା ପରେ ବାପା ମଧ୍ୟ ଛାଡି ଚାଲି ଯାଇଥିବାର ଜେଜେବାପା ଗୋବିନ୍ଦ ଓ ଜେଜେମାଆ ଲୁହ ଛଳ ଛଳ ହୋଇ ପ୍ରକାଶ କରିଥିଲେ । ବୟସର ଅପରାହ୍ନରେ ନିଜକୁ ପୋଷିବାକୁ କେହି ନ ଥିବାବେଳେ ଏପରି ଅବସ୍ଥାରେ ଦିବ୍ୟାଙ୍ଗ ନାତୁଣୀର କଥା ବୁଝିବା ଭାରି କଷ୍ଟ ହୋଇ ପଡିଛି ତାଙ୍କୁ । ଜେଜେବାପା ଗୋବିନ୍ଦ ପଣ୍ଡାଙ୍କ ଦୁଃଖ ଯେତିକି କରୁଣ ସେତିକି ମର୍ମସ୍ପର୍ଶୀ ମଧ୍ୟ । ପୁତ୍ର ଓ ପୁତ୍ରବଧୂ ଚାଲିଯିବା ପରେ ତିନି ତିନିଟି ପ୍ରାଣୀ ଚଳିବା ନିମନ୍ତେ କଳାଶୁଣୀ ଛକରେ ଏକ ଛୋଟକାଟିଆ ଜଳଖିଆ ଦୋକାନ କରି ନିଜ ପେଟ ପୋଷିବା ସହିତ ନାତୁଣୀର ଦେଖାଶୁଣା କରୁଛନ୍ତି । ନାତୁଣୀ ଚିକିତ୍ସା ନିମନ୍ତେ ଅଧିକ ଅର୍ଥ ଆବଶ୍ୟକତା ଥିବାର ଜାଣିଥିଲେ ମଧ୍ୟ ବୟସ ସାଥ ଦେଉନାହିଁ ନାତୁଣୀକୁ ନେଇ ଭଲ ଚିକିତ୍ସା କରିବା ପାଇଁ ନିଜର ଭାଗ୍ୟକୁ ଆଦରି ପଡି ରହିବା ଛଡା ଆଉ ଅନ୍ୟ କିଛି ବାଟ ନାହିଁ । ଏ ଦିଗରେ ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ଅଧିକାରୀ ତାର ଦୁଃଖ ଲାଘବ କରି ପାରିଲେ ସୁଚିସ୍ମିତା ହୁଏତ ନୂଆ ଦୁନିଆ ଦେଖିପାରନ୍ତା ବୋଲି ଜେଜେବାପା ଓ ଜେଜେମାଆ ଆଶା ବାନ୍ଧିଛନ୍ତି ।

# ସାଳନ୍ଦୀ ମହୋତ୍ସବ ଉଦ୍‌ଯାପିତ

ଆଗରପଡ଼ା,(ସବ୍ୟୁ):କାନପୁର ଠାରେ ଚାଲିଥିବା ସାଳନ୍ଦୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଆଗରପଡ଼ା ଡାଏଟ ଅଧକ୍ଷ କାର୍ତ୍ତିକେଶ୍ୱର ରାଉଳ ଯୋଗଦେଇ ଭାଇଚାରା ସୃଷ୍ଟିର ମୁଖ୍ୟ ମାଧ୍ୟମ ହେଉଛି ମହୋତ୍ସବ ବୋଲି କହିଥିଲେ। ଶିକ୍ଷାବିତ ଚିନ୍ତାମଣୀ ପାଣିଗ୍ରାହୀ ସମାଜରେ ମାନବିକତା ମୂଲ୍ୟବୋଧ ହ୍ରାସ ପାଉଥିବାରୁ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଶିକ୍ଷାବିତ ବିଜୟ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମାଜସେବୀ ଗଙ୍ଗାଧର ରାଉତ,ନାଟ୍ୟ ନିର୍ଦ୍ଦେଶକ ଗୋପୀନାଥ ପାଢ଼ୀ,ଅବସରପ୍ରାପ୍ତ ସେନାଧିକାରୀ ନଟବର ଜେନା,ଗଣେଶ ଜେନା,ପ୍ରଶାନ୍ତ ସେଣ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କମିଟି ସଂପାଦକ ସାମ୍ବାଦିକ ବିଶ୍ୱରଞ୍ଜନ ପାଣିଗ୍ରାହୀ ଅତିଥିପରିଚୟ ଓ କୋଷାଧକ୍ଷ ଗୌରାଙ୍ଗ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପାଇମହୁରା ସିଟିସ୍କୁଲ ପ୍ରାକ୍ତନ ଅଧକ୍ଷ ଚିନ୍ତାମଣୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇଥିଲା।

# ବାସୁଦେବପୁର ମହୋତ୍ସବ ବାସୁଦେବାୟନ ଉଦ୍‌ଯାପିତ



ବାସୁଦେବପୁର,(ସବ୍ୟୁ):ଉତ୍ସବ ଓ ମହୋତ୍ସବ ଆମ ଅଂଚଳର ପ୍ରତିଭାମାନଙ୍କ ମଧ୍ୟରେ ଲୁଚି ରହିଥିବା କଳାର ପରିପ୍ରକାଶ କରିବା ପାଇଁ ଏକ ସୁଯୋଗ ଦେଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରସ୍ପର ମଧ୍ୟରେ ଥିବା ଭେଦଭାବ ଭୁଲି ବିଭିନ୍ନତା ମଧ୍ୟରେ ଏକତା ସୃଷ୍ଟି କରିଥାଏ ବୋଲି ବାସୁଦେବାୟନ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିପର୍ଯ୍ୟୟ ପରିଚାଳନା ଓ ରାଜସ୍ୱ,ଗଣଶିକ୍ଷା ମନ୍ତ୍ରୀ ସୁଦାମ ଚରଣ ମାରାଣ୍ଡି କହିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସୁଦାମ ଚରଣ ମାରାଣ୍ଡି,ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ,ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ,ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ,ପୌରପାଳିକାର ଉପାଧକ୍ଷ ଉତ୍ତମ କୁମାର ବାରିକ ଯୋଗଦେଇଥିଲେ । ପୌରପାଳିକାର ଅଧକ୍ଷା ନିବେଦିତା ବେହେରାଙ୍କ ସଭାପତିତ୍ୱ କରିଥିଲେ । ବିଧାୟକ ଶ୍ରୀରାଉତରାୟ ଓ ତାଙ୍କର ପନୀ ରତ୍ନପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ ମିଳିତ ଭାବେ ବାସୁଦେବାୟନର ପ୍ରାରମ୍ଭିକ ସଙ୍ଗୀତ ଗାନକରି ଉପସ୍ଥିତ ଦର୍ଶକମାନଙ୍କର ମନ ମୁଟ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବାସୁଦେବାୟନ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶୀତୁଆ ସନ୍ଧ୍ୟାରେ କଳାକାରମାନଙ୍କର ନୃତ୍ୟ ଓ ସଙ୍ଗୀତର ଯାଦୁରେ ତାଳେ ତାଳେ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା।

# ଶାଢ଼ୀରେ ନିଆଁ ଲାଗି ନବବିବାହିତା ଗୁରୁତର



ବେତନଟୀ , (ସବ୍ୟୁ) : ବୈଶିଙ୍ଗା ଥାନା ଅଧୀନ ଗଡଦେଉଳିଆ ପଞ୍ଚାୟତର କସିପଦା ଗ୍ରାମର ଜନୈକା ନବବିବାହିତା ମହିଳା ରୋଷେଇ କରୁଥିବା ସମୟରେ ଶାଢୀରେ ନିଆଁ ଲାଗି ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। । କସିପଦା ଗ୍ରାମର ଚନ୍ଦ୍ରକାନ୍ତ ଦାସଙ୍କ ସ୍ତ୍ରୀ ଶଶିକଳା ଦାସ ସୋମବାର ସନ୍ଧ୍ୟାରେ ଘର ବାହାରେ ଥିବା କାଠ ଚୁଲିରେ ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ନିଆଁ ଲାଗିଯାଇଥିଲା । ଫଳରେ ସେ ଚିତ୍କାର ଛାଡିଥିଲେ । ଚିତ୍କାର ଶୁଣି ପରିବାର ବର୍ଗ ତାଙ୍କ ପାଖରେ ପହଞ୍ଚି ନିଆଁ କୁ ଲିଭାଇଥିଲେ । ସଙ୍ଗେ ସଙ୍ଗେ ଗୁରୁତର ହୋଇ ପଡିଥିବା ଶଶିକଳାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଆସିଥିଲେ। ସେଠାରେ ଡାକ୍ତର ପ୍ରଦୀପ କୁମାର କର ପ୍ରାଥମିକ ଚିକିତ୍ସା କରିବାପରେ ତାଙ୍କର ଅବସ୍ଥା ଗୁରତର ହୋଇ ପଡିବାରୁ ତାଙ୍କୁ ବାଲେଶ୍ୱର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ପାଖାପାଖି ଦେଢ ବର୍ଷ ହେବ ଶଶିକଳା ଏବଂ ଚନ୍ଦ୍ରକାନ୍ତଙ୍କ ମଧ୍ୟରେ ବିବାହ ହୋଇ ଥିବା ବେଳେ ତାଙ୍କର ଗୋଟିଏ ସନ୍ତାନ ଥିବା ଜଣା ଯାଇଛି । ଖବର ଲେଖା ହେବା ବେଳକୁ ପରିବାର ବର୍ଗଙ୍କ ତରଫରୁ ବୈଶିଙ୍ଗା ଥାନାରେ କୌଣସି ଅଭିଯୋଗ କରାଯାଇନଥିବା ଜଣାଯାଇଛି ।

# ବୈଷୟିକ ଅନୁଷ୍ଠାନ ପରିଦର୍ଶନ

ଭଦ୍ରକ,ତା(ସବ୍ୟୁ):ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ,ଭଦ୍ରକ ପକ୍ଷରୁ ମିଶନ ବାତ୍ସଲ୍ୟ ଅନ୍ତର୍ଗତ ପୃଷ୍ଠପୋଷକତା ଯୋଜନାରେ ଶିଶୁ ମାନଙ୍କୁ ଶିକ୍ଷା,ସ୍ୱାସ୍ଥ୍ୟ ଓ ପୃଷ୍ଟି ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।ତତ୍ ସହ ଶିଶୁ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ଥିବା ବିଭିନ୍ନ ସୁଯୋଗ,ଆତ୍ମ ନିର୍ଭରଶୀଳ ପାଇଁ ଧନ୍ଦାମୂଳକ ଶିକ୍ଷା ଓ ବୈଷୟିକ ଶିକ୍ଷା ନିମନ୍ତେ ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ପରିଦର୍ଶନ କରାଯିବାର ବ୍ୟବସ୍ଥା ସୃଷ୍ଟି କରା ଯାଉଛି ।ଏହି ମର୍ମରେ ଆଜି ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପରିସରରୁ ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର କୁ ପରିଦର୍ଶନ ନିମନ୍ତେ ଏକ ଯାତ୍ରା ଆରମ୍ଭ ହୋଇଥିଲା ।ଏହି ପରିଦର୍ଶନ ରେ ପନ୍ଦର ଜଣ ଶିଶୁ ସାମିଲ ଥିଲେ ।ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ ଶିଶୁ ମାନଙ୍କୁ ନେଇ ପରିଦର୍ଶନ କରାଇଥିଲେ ।ଜିଲ୍ଲା କର୍ମ ନିୟୋଜନ ଅଧିକାରିଣୀ ଅନିତା ନାୟକ,ଶିଶୁ ମଙ୍ଗଳ କମିଟି ର ଅଧକ୍ଷ ଡ଼ଃ ଦେବରାଜ ପାଣିଗ୍ରାହୀ ସବୁଜ ପତାକା ହଲାଇ ଯାତ୍ରା ଆରମ୍ଭ କରିଥିଲେ ।ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ର ଭାରପ୍ରାପ୍ତ ଅଧକ୍ଷ ତଥା ତାଲିମ ଅଧିକାରୀ ରଞ୍ଜନ କୁମାର ଜେନା,ସହାୟକ ତାଲିମ ଅଧିକାରୀ ସଂଯୁକ୍ତା ନାୟକ,ତାପସ କୁମାର ନାୟକ, ସୂର୍ଯ୍ୟକାନ୍ତ ସାମଲ ପ୍ରମୁଖ ଶିଶୁ ମାନଙ୍କୁ ବିଭିନ୍ନ ଟ୍ରେଡ ସମ୍ବନ୍ଧରେ ବୁଝାଇଥିଲେ ।ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ,ବାହ୍ୟ କର୍ମୀ ଦମୟନ୍ତୀ ଦାଶ,ସୁଦର୍ଶନ ବାଡ୍ରା, ଧୀରଜ୍ ବାରିକ ସମେତ ଚିନ୍ମୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

# ନବୀନ ଓଡ଼ିଶା ସଚେତନତା ଶିବିର

ଦୋବଲ,(ସବ୍ୟୁ): ସୋମବାର ଧାମନଗର ବ୍ଲକର ଦୋବଲ ଜୋନର ମୁସ୍ତାଫାପୁର,କରଦା ଓ ସୋହଡ଼ା ପଞ୍ଚାୟତରେ ଆମ ଓଡ଼ିଶା ,ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସୋମବାର ପୂର୍ବାହ୍ନରେ ମୁସ୍ତାଫାପୁର ପଞ୍ଚାୟତ ଦୋବଲ କାଳୀ ପଡିଆ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷ ଜଗବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଆମ ଓଡିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ଡ଼ା.ସଞ୍ଜୟ ଦାସ,ପଂଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା,ଜିଲ୍ଲା ପରିଷଦ ଉପଧକ୍ଷା ଚୁନିବାଳା ବିଶ୍ୱାଳ,ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ନାୟକ,ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ,ବ୍ଲକ ବିଜେଡ଼ି ସଭାପତି ଉମେଶ ଚନ୍ଦ୍ର ମହାନ୍ତି,ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳାଇ ଓ ମୁସ୍ତାଫାପୁର ସରପଂଚ ଜିସ୍ମାରା ବିବି,ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ ପ୍ରମୁଖ ଯୋଗ ଦେଇ ରାଜ୍ୟସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମହିଳା ମହା ସଂଘର ସଭାନେତ୍ରୀ ଓ ସମ୍ପାଦିକା,ଏମବିକେ,ସିଆରପି,ଅଙ୍ଗନବାଡି କର୍ମୀ, ଆଶା କର୍ମୀ,ସୁପରଭାଇଜର ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ଆମ ଓଡ଼ିଶା ନବୀନ ଓଡ଼ିଶାର ପୁସ୍ତିକା ଉନ୍ମୋଚନ କରିଥିଲେ । ସେହିପରି କରଦା ପଞ୍ଚାୟତର ସୁଜାଣସିଂପୁର ପଡ଼ିଆ ଠାରେ ଏହି କାର୍ଯ୍ୟକ୍ରମରେ ସରପଞ୍ଚମମତା ଆଚାର୍ଯ୍ୟ ସଭାପତିତ୍ୱ ଓ ଜୀତେନ୍ଦ୍ର କରଙ୍କ ସଂଯୋଜନାରେ ଉପରୋକ୍ତ ଅତିଥିମାନେ ଯୋଗ ଦେଇଥିଲେ। କୁଳମଣୀ ବେହେରା ଓ ଆନନ୍ଦ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୋହଡା ପଞ୍ଚୟତରେ ସାହୁଶାହି ପଡିଆରେ ବାଲେଶ୍ୱର ଭଦ୍ରକ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଦଶରଥ ଜେନାଙ୍କ ସଭାପତିତ୍ୱରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବିନୋଦ ନାୟକ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ତରାଇଙ୍କ ସମେତ ଉପରସ୍ଥ ଅତିଥି ମାନେ ଯୋଗ ଦେଇଥିଲେ। ଏଥିରେ ସରପଂଚ ଲୋପାମୁଦ୍ରା ନାୟକ,ଯୁବନେତା ସତ୍ୟପ୍ରକାଶ ନାୟକ,କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଟ୍ରକ୍ ଧକ୍କାରେ ଭାଇ ମୃତ, ଭଉଣୀ ଗୁରୁତର

କେନ୍ଦୁଝର , (ସ୍ୱପ୍ର) : ସୋମବାର ୨୦ ନଂଜାତୀୟ ରାଜପଥ ଖଲଣା ଛକ ନିକଟରେ ଟ୍ରକ୍ ଧକ୍କାରେ ଭାଇର ମୃତ୍ୟୁ ହୋଇଥିବାବେଳେ ଭଉଣୀ ଗୁରୁତର ହୋଇଛ। ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ୩ଟାରେ ରାମଚାନ୍ଦପୁର ଥାନା ଅନ୍ତର୍ଗତ ଶାଳଦେଇ ପଞ୍ଚାୟତ ବ୍ରାହ୍ମଦା ଗ୍ରାମର ବିଜୟଲକ୍ଷ୍ମୀ ସା(୨୫) ଓ ଶୁଭମ୍ ସା(୧୭) ଉଭୟେ ଓ ଡ଼ି ୩୪ ଏଲ ୨୫୭୫ ସ୍କୁଟି ଯୋଗେ ସାଇଁକୁଳ ବଜାରକୁ ଆସୁଥିବା ବେଳେ ଖଲଣା ଛକ ନିକଟରେ ଯାଜପୁର ପାର୍ଶ୍ୱରୁ ଆଶୁଥିବା ଏକ ଟ୍ରକ୍ ସ୍କୁଟି ପଛପଟୁ ଧକ୍କା ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଅଟୋ ଯୋଗେ ସାଇଁକୁଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶୁଭମ୍ ସାଙ୍କୁ ମୃତ ଘୋଷଣା କରିଛନ୍ତି। ବିଦ୍ୟାଧର ସା ଙ୍କ ଏକ ମାତ୍ର ପୁଅ ଶୁଭମଙ୍କ ମୃତ ପରେ ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଘଟଣା ସ୍ଥଳରେ ରାମଚନ୍ଦ୍ରପୁର ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି।ଏହି ଘଟଣା ପରେ ଘଷିପୁରା ବ୍ଲକର ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତ ଶୁଭମ୍ ମା'ଙ୍କୁ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଘଷିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ପୌରପାଳିକା ଗେଟରେ ତାଲା ପକାଇଲେ ୩୦ ନଂ ୱାର୍ଡ ବାସିନ୍ଦା

ଭଦ୍ରକ,(ସବ୍ୟୁ):ଭଦ୍ରକ ପୌରପାଳିକାର ୩୦ ନମ୍ବର ୱାର୍ଡର ବାସିନ୍ଦା। ଅଭିଯୋଗ ଅନୁଯାଇ,୩୦ୱାର୍ଡରେ ହୋଇଥିବା ସର୍ବସାଧାରଣଙ୍କ ପାଇଁ ଗୋଷ୍ଠୀ ଶୌଚାଳୟର କାର୍ଯ୍ୟ ସରିଛି। କିନ୍ତୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୌରଧକ୍ଷା ବିଲରେ ଦସ୍ତଖତ କରୁ ନାହାଁନ୍ତି।ଯାହାଲାଗି ସଂପୃକ୍ତ ବିଲ ପାସ ହୋଇପାରୁନାହିଁ। ସେଥିପାଇଁ ଟଂକା ଖର୍ଚ୍ଚ ହୋଇ ମଧ୍ୟ ଲୋକେ ପାଇଖାନାକୁ ବ୍ୟବହାର କରିପାରୁନାହାନ୍ତି। ବିଲ କରିବା ନେଇ ପୂର୍ବରୁ ୱାର୍ଡର ପାରିଷଦ ଉର୍ମିଳା ମାଝିଙ୍କ ସମେତ ୱାର୍ଡର ବାସିନ୍ଦା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମାତ୍ର କୌଣସି ସମାଧାନ ହୋଇନପାରିବାରୁ ଆଜି ୩୦ନମ୍ବର ୱାର୍ଡର ପାରିଷଦଙ୍କ ସହ ୱାର୍ଡର ବାସିନ୍ଦାମାନେ ପୌରପାଳିକା ଗେଟରେ ତାଲା ପକାଇ ବସିଛନ୍ତି । ଯେ ପର୍ଯ୍ୟନ୍ତ ଦାବୀ ପୂରଣ ନହେବ ତଥା ବିଲରେ ପୌରାଧକ୍ଷା ଦସ୍ତଖତ ନକରିବେ ସେ ପର୍ଯ୍ୟନ୍ତ ଗେଟ ଆଗରେ ଧାରଣାରେ ବସିବେ ବୋଲି କହିଛନ୍ତି ୱାର୍ଡର ପାରିଷଦ।

# ମୁହଁରେ ବାଣ ଫୁଟି ଶିଶୁ ଗୁରୁତର

ଠାକୁରମୁଣ୍ଡା , (ସବ୍ୟୁ) : ଦାଣ୍ଡରେ ଖେଳୁ ଥିବା ଏକ ଶିଶୁ ରାସ୍ତା ରେ ପଡିଥିବା ଏକ ଅଫୁଟା ବାଣ କୁ ମୁହଁରେ ଦେବାରୁ ବାଣ ଫୁଟି ଯାଇ ଶିଶୁ ଜଣକ ଗୁରୁତର ହୋଇଛନ୍ତି।ଗୁରୁତର ଶିଶୁଙ୍କୁ ଘଟଣାସ୍ଥଳ ରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରା ଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି।ମିଳିଥିବା ସୂଚନା ଅନୁଯାୟୀ ସୋମବାର ଦିନ ପ୍ରାୟ ୩ ଟା ସମୟରେ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମପଞ୍ଚାୟତ ଦ୍ୱାରସୁଣି ଗାଁରେ ଘଟିଛି ଏପରି ଘଟଣା।ଗାଁ ଠାକୁରାଣୀ ଶାଳ ନିକଟରେ କେତେଜଣ ଶିଶୁ ଖେଳୁଥିଲେ।ଖେଳୁଥିବା ସ୍ଥାନ ରେ ଗୋଟିଏ ଅଫୁଟା ବାଣ ପଡିଥିଲା।ଗ୍ରାମର ଟିକନ କୁଦାଦା ଙ୍କ ୪ ବର୍ଷ ର ଝିଅ ଯମୁନା ପଡିଥିବା ବାଣ କୁ ପାଟିରେ କାମୁଡି ଦେଇଥିଲା।ଏହି ସମୟରେ ପାଟିରେ କାମୁଡିଥିବା ବାଣଫୁଟି ଯାଇଥିଲା।ଏହି ବାଣ ଫୁଟି ଶିଶୁ ଗୁରୁତର ହୋଇଥିବା ବେଳେ ଶିଶୁ ର ଗାଲ ଦୁଇପାଖ ଫାଟି ଯାଇଥିବାର ଜଣାପଡିଛି।

# ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ଭଦ୍ରକ,(ସବ୍ୟୁ):ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକଙ୍କ ତରଫରୁ ରାମ ନବମୀ ବେତଡ଼ା ପଞ୍ଚାୟତରେ ମୂଳଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ସଚେତନତା ଶିବିରରେ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ନାରାୟଣ ପ୍ରସାଦ ବେହେରା, ଆଇନ୍ ଜୀବି, କାହ୍ନୁ ଚରଣ ବାରିକ, ରାଜୀବ କୁମାର ବାରିକ, କୈଳାସ ଚନ୍ଦ୍ର ବେହୁରିଆ, ସଞ୍ଜୟ କୁମାର ନାୟକ ପେନାଲ ଓକିଲ ପ୍ରମୁଖ ମାନ ଯୋଗଦେଇ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକମାନଙ୍କୁ ସ୍ଥାୟୀତ ନିରନ୍ତର ଲୋକ ଅଦାଲତର କାର୍ଯ୍ୟ ତଥା ଏହାର ଗଠନ ଆଭିମୁଖ୍ୟ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଥିବା ସାଧାରଣ ଲୋକଙ୍କ ଠାରୁ ମଧ କିଛି ଦରଖାସ୍ତ ନିଆଯାଇଛି ଯାହାକି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟାଳୟ ମାଧ୍ୟମରେ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରିବ।

# କରଡିଆ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ




କରଞ୍ଜିଆ , (ସବ୍ୟୁ) : କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ୱାର୍ଡ ନମ୍ବର ୨ କରଡିଆ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରଡିଆର ୬୪ ତମ ବାର୍ଷିକ ଉତ୍ସବ ଆଜି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଉତ୍ସବର ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ପପି ପୃଷ୍ଟି ,ମୁଖ୍ୟ ବକ୍ତା କରଞ୍ଜିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପିନ ବିହାରୀ ବାରିକ୍,ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ଦଳେଇ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ, ପୂର୍ବତନ ବିଦ୍ୟାଳୟ ଶିକ୍ଷକ ତଥା ଶିକ୍ଷା ଅଧିକାରୀ ବଳଭଦ୍ର ପଣ୍ଡା,୨ ନମ୍ବର ୱାର୍ଡ କାଉନସିଲର କଳ୍ପନା ପାତ୍ର,୧ ନମ୍ବର ୱାର୍ଡ କାଉନସିଲର ଇଏନଏସ ପ୍ରିୟଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁନ୍ତି ବାରିକ ଯୋଗଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ସାହୁ ବାର୍ଷିକ ବିବରଣୀ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଗଣ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ।ପରେ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଝରଣା ବିଶ୍ୱାଳ ଭାନୁମତୀ ବାରିକ୍ ଲିପିକା ପଣ୍ଡା ରମାମଣୀ ଦାସ, ସରୋଜ ପ୍ରଭା ପାଠୀ,ବନିତା ମହାନ୍ତ, ରସମତଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବବିତା ଦାସ,ସଲରାପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ,ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀ ସଂଯୁକ୍ତା ପାତ୍ର ସହଯୋଗ ପ୍ରଦାନ କରିଥିଲେ।

# ଦାମ୍ପତ୍ୟ କଳହ : ସ୍ୱାମୀ ମୃତ, ସ୍ତ୍ରୀ କୋର୍ଟଚାଲାଣ

ଢ଼େଙ୍କିକୋଟ, (ସବ୍ୟୁ) : କେନ୍ଦୁର ଜିଲ୍ଲା ଘଟଗାଁ ଥାନା ବାଲିପୋଖରୀ ପଞ୍ଚାୟତ ଅନ୍ତର୍ଗତ ଛୋଟରାୟପୁର ଗ୍ରାମର ବଡ଼ସାହିରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଗତ ଶନିବାର ରାତିରେଉକ୍ତ ଗ୍ରାମର ଜେମା ମୁଣ୍ଡା ( ୩୫) ଓ ତାଙ୍କ ସ୍ୱାମୀ ରାଜେନ ମୁଣ୍ଡା ( ୩୮ ) ମଧ୍ୟରେ ଝଗଡା ଓ ହାତାହାତି ହୋଇଥିଲେ । ସ୍ୱାମୀ ରାତିରେ ମଦପିଇ ଆସି ସ୍ତ୍ରୀ ସହିତ ଝଗଡା କରିଥିଲା । ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହିତ ହାତାହାତି ହୋଇଥିଲେ ।ତେବେ ରାତିରେ ସ୍ୱାମୀ ଖୁବ୍ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କ ପୁତୁରା ଓ ପାଖ ପଡ଼ୋଶୀ ଖବରପାଇ ରାତିରେ ପହଂଚିଥିଲେ । ତେବେ କିଛି ସମୟପରେ ସ୍ୱାମୀ ରାଜେନ ମୁଣ୍ଡାର ମୃତ୍ୟୁ ହୋଇଯାଇଥିଲା ।ସକାଳେ ପୁତୁରା ଘଟଗାଁ ଥାନା ଆସି ଲିଖିତଏତାଲା ଦେଇଥିଲେ । ଘଟଗାଁ ଥାନା ବରିଷ୍ଠ ସବ୍ ଇନ୍ସପେକ୍ଟର ଗାଙ୍ଗିଆ ଲାକ୍ରା ଏ କେସ ନିଜ ହାତକୁନେଇ ତଦନ୍ତ କରିଥିଲେ । ଶେଷରେ ସୋମବାର ଦିନ କେଶନମ୍ବର୍ ୧୦୯/୨୪ ଯୋଗେ ସ୍ତ୍ରୀ ଜେମା ମୁଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ବିସିଇଟିକୁ ଓଡ଼ିଶାର ସର୍ବୋତ୍ତମ ବୈଷୟିକ ମହାବିଦ୍ୟାଳୟ ମାନ୍ୟତା




ବାଲେଶ୍ୱର , (ସବ୍ୟୁ) : ଇଣ୍ଡିଆନ ସୋସାଇଟି ଫର ଟେକ୍ନିକାଲ ଏଜୁକେସନର ୫୨ତମ ଜାତୀୟ ବାର୍ଷିକ ସମ୍ମିଳନୀ କର୍ଣ୍ଣାଟକସ୍ଥିତ ପିଡ଼ିଏ କଲେଜ ଅଫ୍ ଇଞ୍ଜିନିୟରିଂ,କାଲାବୁରାଗି ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି)କୁ ୨୦୨୨ -୨୩ ଶିକ୍ଷାବର୍ଷର ମର୍ଯ୍ୟାଦାଜନକ ଗାନ୍ଧି ପୁରସ୍କାର ଓଡ଼ିଶାର ସର୍ବୋତ୍ତମ ବୈଷୟିକ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି । ଏହି ଉତ୍ସବରେ ବିସିଇଟି ପରିଚାଳନା ପରିଷଦର ସଭାପତି ଡକ୍ଟର ମନ୍ମଥ କୁମାର ବିଶ୍ୱାଳ ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ମିଶ୍ର ସମ୍ମାନୀତ ଅତିଥି ଡକ୍ଟର ପିକେ ଦେଶାୟୀ (ଆଇଏସ୍‌ଟିଇ ନୂଆଦିଲ୍ଲୀର ସଭାପତି) ଏବଂ ପ୍ରାଧ୍ୟାପକ ଗୁଟା ସିଂହ ସିଧୁ (ମହାରାଜା ରଣଜିତ ସିଂ ପଞ୍ଜାବ ଟେକ୍ନିକାଲ ବିଶ୍ୱବିଦ୍ୟାଳୟର କୁଳପତି)ଙ୍କ ଠାରୁ ଉକ୍ତ ସମ୍ମାନ ସୂଚକ ମାନପତ୍ର ଗ୍ରହଣ କରିଛନ୍ତି । ଏହି ସମ୍ମାନ ବିତରଣ ଉତ୍ସବରେ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ ଡକ୍ଟର ସୁବାଷ ସରକାର ,ଆଇଏସ୍‌ଟିଇର କାର୍ଯ୍ୟକାରୀ ସମ୍ପାଦକ ଡକ୍ଟର ଏସ୍‌ଏମ୍ ଅଲ୍ଲୀ, ଅଟଳବିହାରୀ ବାଜପେୟୀ ଆଇଆଇଟି ଏମ୍ ଗୋଆଲିୟରର ନିର୍ଦ୍ଦେଶକ ପ୍ରାଧ୍ୟାପକ ଶ୍ରୀନିବାସ ସିଂହ, ଆନ୍ନା ବିଶ୍ୱବିଦ୍ୟାଳୟ ଚେନ୍ନାଇର କୁଳପତି ଡକ୍ଟର ଆର୍ ଭୋଲାରାଜ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ବେଦମଣି ତୀୱାରୀ, ଏକ୍ଟୋଟେକ ବାଙ୍ଗାଲୋରର ସଭାପତି କିରଣ ରାଜନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପୁରସ୍କାର ଗ୍ରହଣ କରିବା ଦ୍ୱାରା ବିସିଇଟି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଏସନର ସମସ୍ତ କର୍ମଚାରୀ ଛାତ୍ରଛାତ୍ରୀ ଏବଂ ଅବିଭାବକଙ୍କ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି ସମ୍ମାନ ସୂଚକ ପୁରସ୍କାର ପାଇବାରେ ବିସିଇଟି ଉତ୍ତର ଓଡ଼ିଶାର ପ୍ରଥମ ଅନୁଷ୍ଠାନ ଭାବରେ ପରିଗଣିତ ହୋଇଛି । ଫକୀରମୋହନ ଏଜୁକେସନାଲ ଏଣ୍ଡ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବିସିଇଟି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ କୁମାର ବିଶ୍ୱାଳ ଏବଂ ସହ ଉପସଭାପତି ରାଜଶ୍ରୀ ସ୍ୱାଇଁ ଏଥି ନିମନ୍ତେ ସଭାପତି ଡକ୍ଟର ମନ୍ମଥ କୁମାର ବିଶ୍ୱାଳ ଏବଂ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଜିଲ୍ଲାରେ ଲକ୍ଷ୍ମୀବସ୍ ଯୋଜନା ଶୁଭାରମ୍ଭ ଏକ ଯୁଗାନ୍ତକାରୀ ପଦକ୍ଷେପ : ବଦ୍ରି



କେନ୍ଦୁଝର , (ସ୍ୱପ) : ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ଜରିଆରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝରର ୧୫୮ଟି ପଞ୍ଚାୟତରେ ୨୫ଟି ବସ୍ ସେବାର ଶୁଭାରମ୍ଭ ହୋଇଛି।ଏହାଦ୍ୱାରା ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହେବେ ବୋଲି କୁହାଯାଇଛି।କେନ୍ଦୁଝର ଜିଲ୍ଲାରେ ଲକ୍ଷ୍ମୀବସ୍ ଯୋଜନା ଶୁଭାରମ୍ଭ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଘର୍ଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିପାତ୍ର କହିଛନ୍ତି। ୫-ଟି ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି ।ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି।କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡିଶା ଅଧକ୍ଷ ଭିକାର୍ତ୍ତିକ ପାଣ୍ଡିଆନ ଲକ୍ଷ୍ମୀ ବସ୍ ହେଉଛି ଓଡିଶାବାସୀଙ୍କ ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି ଆପଣମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରନ୍ତୁ। ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ଅତାବିରାରେ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ବରଗଡରେ ବିଧାୟକ ଦେବେଶ ଆଚାର୍ଯ୍ୟ, ପାଟନାଗଡରେ ବିଧାୟକ ସରୋଜ ମେହେର, କେନ୍ଦୁଝରରେ ପାଟଣା ବିଧାୟକ ଜଗନ୍ନାଥ ନାୟକ, ଘସିପୁରା ବିଧାୟକ ପ୍ରଫେସର ବଦ୍ରି ନାରାୟଣ ପାତ୍ର, ବଲାଙ୍ଗିରରେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଦେବକୀ ସାହୁ, ସୁନ୍ଦରଗଡରେ ଆମ ଓଡିଶା ନବୀନ ଓଡିଶା ସଂଯୋଜକ ଯୋଗେଶ କୁମାର ସିଂ ପ୍ରମୁଖ ମଧ ଲକ୍ଷ୍ମୀ ଯୋଜନା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚ ପ୍ରଶଂସାକରିବା ସହିତ ୫-ଟି ଅଧକ୍ଷଙ୍କ ଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ।

# ବଳଦେବ ଜୀଉ ସାଂସ୍କୃତିକ ପରିଷଦର ପାଲା ମହୋତ୍ସବ

କୁଜଙ୍ଗ ,(ସବ୍ୟୁ):ଶ୍ରୀଶ୍ରୀ ବଳଦେବଜୀଉ ସାଂସ୍କୃତିକ ପରିଷଦର ପାଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । । ଓଡିଆମାନଙ୍କ ମଧ୍ୟରେ ସଂସ୍କୃତିକ ଚେତନା କ୍ରମି ଯାଉଥିବା ବେଳେ ପାଲା, ସାହିତ୍ୟ ସଂସ୍କୃତିର ଭାବଧାରା ଓ ସାମଜିକତାକୁ ନୂତନ ଦୀଗଦର୍ଶନ ଦେଉଛି ବୋଲି ବକ୍ତମାନେ କହିଥିଲେ । ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର ପାଲା ମହୋତ୍ସବକୁ ଉଦ୍ଘାଟନ କରିବା ପରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସାଂସଦ ଡା. କୁଳମଣୀ ସାମଲ କହିଲେ ଦୀର୍ଘ ୨୩ବର୍ଷ ଧରି କୁଂଜଙ୍ଗ ଅଂଚଳ ବାସିଙ୍କୁ ପାଲା ମହୋତ୍ସବ ନୂତନ ଦୀଗ୍ଦର୍ଶନ ଦେଇଆସିଛି । ଶଙ୍କର ଦାସଙ୍କ ସହ କର୍ମ କର୍ତା ଓ ସହଯୋଗୀମାନେ ଏହି ପାଲା ମହୋତ୍ସବକୁ କିପରି ସୁଦୃଢ କରାଯାଇପାରିବ ସେ ଦିଗରେ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ପରଦାର ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ରଙ୍କ ଜୟନ୍ତି ଦିବସକୁ ଉପେନ୍ଦ୍ରନାଥ ଦିବସଭାବେ ନାମ କରଣ କରିଥିଲେ । ସମାଜ ସେବିକା ସେନହ ମୟୀ ଆଚାର୍ଯ୍ୟ, ଝଙ୍କଡ ସାହିତ୍ୟ ସଂସଦର ସମ୍ପାଦକ ଗୋଲୋକ ବିହାରୀ ପଲାଇ, ସାରସ୍ୱତ ସାଧିକା ରୁନିବାଳା ମଲ୍ଲିକ, ବିଶିଷ୍ଟ ପ୍ରସାସକ ଅଜୟ କୁମାର ମଲ୍ଲିକ, ସାରସ୍ୱତ ସାଧିକା ମଞ୍ଜୁଶ୍ରୀ ପ୍ରଧାନ ଓ ପଙ୍କଜ ତରାଇ ପ୍ରମୁଖଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ରଙ୍କ ଜୟନ୍ତି ପାଳନ କରିବା ସହ ତାଙ୍କୁ କବି ବାଚସ୍ପତି ଉପାଧିରେ ଭୁଷିତ କରାଯାଇଥିଲା । ଶ୍ରୀ ମିଶ୍ର କହିଲେ ଭାଷା ସାହିତ୍ୟ ଓ ବିଶେଷକରି ଓଡିଆ ଭାଷା ସାହିତ୍ୟକୁ ବଂଚେଇ ରଖିବା ପାଇଁ ସମସ୍ତଙ୍କର ଉଦ୍ୟମ ଆବଶ୍ୟକ । ପାଲା ସଂସ୍କୃତି ଆମ ଭିତରେ ସ୍ୱତନ୍ତ୍ର ଓଡିତ୍ୱ ସୃଷ୍ଟି କରିବାସହ ଭାଷାକୁ ବଂଚାଇ ରଖିଛି । ଶିକ୍ଷାବିତ ନବୀନ କୁମାର ପ୍ରଧାନ, ସୁବାଷ ସାମନ୍ତରାୟ, ଜ୍ୟୋସ୍ନାରାଣୀ ବଳିୟାରସିଂହ ପ୍ରମୁଖ ମଧ୍ୟ ଅତିଥିଭାବେ ଯୋଗଦେଇଥିଲେ । ଉତ୍କଳ ସାହିତ୍ୟ ସମାଜର ଉପସଭପତି ଜୀବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ପ୍ରତାପ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରତିଷ୍ଠାତା ଶଙ୍କର ଚରଣ ଦାସ ଓ ସଭାପତି ଶରତ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଡଭୋକେଟ ରମେଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସରୋଜ କୁମାର ପଟ୍ଟନାୟକ, ସୁବାଷ ସାମନ୍ତରାୟ, ବିଜୟ କୁମାର ଖଟାଇ, ନୂତନ ତ୍ରିପାଠୀ, ଶଙ୍କର ଚରଣ ଦାସ ପ୍ରମୁଖ ଉଦ୍ଘାଟନ ଉତ୍ସବରେ ଯୋଗଦେଇଥିଲେ । ପବିତ୍ର ଅଭିରାମ ପରମହଂସଙ୍କ ଜୟନ୍ତି ଅବସରରେ ୩ଦିନ ଧରି ଆୟୋଜିତ ପାଲା ମହୋତ୍ସବରେ ବିଶିଷ୍ଟ ପାଲା ଗାୟୀକା ଗୌରିବାଳା ସ୍ୱାଇଁ, ଅଭିମନ୍ୟୁ ନାୟକ ଓ ଲକ୍ଷ୍ମୀପ୍ରିୟା ନାୟକ ସୁନ୍ଦର ପାଲା ପରିବେଶଣ କରିଥିଲେ । ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ରଶ୍ମିରଂଜନ ଦାସ, ଛବିନ୍ଦ୍ର ସାହୁ, ସୂର୍ଯ୍ୟଦେବ ଦାସ, ଅଭିରାମ ଦାସ ଓ ନକୁଳ ସେଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

# ଦୁଇ ବର୍ଷ ହେଲା ନଳକୂପ ଅଚଳ

କେନ୍ଦ୍ରାପଡ଼ା ,(ସବ୍ୟୁ): କେନ୍ଦ୍ରାପଡା ବ୍ଲକ ଅଧିନ କୋର ପଂଚାୟତର କୋର ଗ୍ରାମରେ ଥିବା ଏକ ଗଭୀର ନଳକୂପ ଦୁଇ ବର୍ଷ ହେଲା ଅଚଳ ହୋଇ ପଡିଥିଲେ ମଧ ଗ୍ରାମୀଣ ପାନୀୟ ଜଳ ଯୋଗାଣ ସଂସ୍ଥା (ଆର.ଡବ୍ଲୁ.ଏସ୍.ଏସ୍) ଏହାକୁ ମରାମତି କରିବା କିମ୍ବା ବିକଳ୍ପ ବ୍ୟବସ୍ଥା କରିବା ଦିଗରେ ଅବହେଳା ଦେଖାଉ ଥିବାରୁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଗାଁ ମଝିରେ ତଥା ବୁଢୀ ଜାଗୁଲାଇ ମନ୍ଦିର ନିକଟରେ ଥିବା ଏହି ନଳକୂପ ଉପରେ ପ୍ରାୟ ୫୦ଟି ପରିବାର ନିର୍ଭର କରୁଥିବା ଓ ଠାକୁରାଣୀଙ୍କ ବିଭିନ୍ନ ଯାନିଯାତ୍ରା, ମେଳା ମହୋତ୍ସବ ଆଦି ସମୟରେ ଶହ ଶହ ବ୍ୟକ୍ତି ଏହି ନଳକୂପ ଉପରେ ନିର୍ଭର କରି ଚଳିଥାନ୍ତି । ଗ୍ରାମୀଣ ପାନୀୟ ଜଳ ଯୋଗାଣ ସଂସ୍ଥାକୁ ବାରମ୍ବାର ନିବେଦନ କଲେ ମଧ ସେମାନେ ଏହାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଆଦୌ ଦୃଷ୍ଟି ଦେଉନାହାନ୍ତି ।

# ଶ୍ରମିକଙ୍କ ଧାରଣାକୁ ମାସେ ବାରଦିନ, କାଲିଠୁ ଆମରଣ ଅନଶନ




ପାରାଦୀପ,( ଜି. ପ୍ର ) ମାସେ ବାର ଦିନ ପୁରିଗଲା , ଏବେବି ଶୀତ କାକର ରେ ଭିଜି ଭିଜି ଧାରଣା ଜାରି ରଖିଛନ୍ତି ଶ୍ରମିକ । ପାରାଦୀପ ତୈଳ ବିଶୋଧନାଗାର ସାଉଥ ଗେଟ ଛ ନମ୍ବର ଫାଟକ ଆଗରେ ଜାନୁଆରୀ ପହିଲା ରୁ ଆରମ୍ଭ ହୋଇଥିବା ପାଇପ ଲାଇନ ଡିଭିଜନଶ୍ରମିକ ମାନଙ୍କ ଧାରଣା ଧୀରେ ଉଗ୍ର ରୂପ ନେବାରେ ଲାଗିଛି । ଯଦି ବାର ଘଣ୍ଟା ମଧ୍ୟରେ ଶ୍ରମିକଙ୍କ ଦାବି କମ୍ପାନୀ କର୍ତ୍ତୃପକ୍ଷ ନମାନନ୍ତି ତେବେ ଆସନ୍ତାକାଲି ସକାଳ ଠାରୁ ଶ୍ରମିକ ମାନେ ଆମରଣ ଅନଶନ କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି । ସୂଚନାନୁସାରେ ଏହି ଶ୍ରମିକ ମାନଙ୍କୁ ୨୦୧୬ ମସିହା ଠାରୁ ଅନ୍ୟାନ୍ୟ ଭତ୍ତା ବାବଦକୁ ଦୈନିକ ୧୪୦ ଟଙ୍କା ପାଇପ ଲାଇନ ଡିଭିଜନ ପ୍ରଦାନ କରୁଥିଲା । କିନ୍ତୁ ୨୦୧୮ ଠାରୁ ଏହାକୁ ବନ୍ଦ କରିଥିବା ବେଳେ ଶ୍ରମିକ ମାନେ ଏନେଇ ଜିଦ ରେ ଅଡି ବସିଛନ୍ତି । ଏହା ସାଙ୍ଗକୁ ଅନ୍ୟାନ୍ୟ ମୌଳିକ ସୁବିଧା ଆଦି ଯୋଗାଇବା ଦାବି ନେଇ ଶ୍ରମିକ ମାନେ ନିଜ ପରିବାର ସହିତ ଧାରଣା ଦେଇଥିବା ବେଳେ ବାରମ୍ବାର ଆଲୋଚନା ମଧ୍ୟ ବିଫଳ ହୋଇଛି । କାଲି ଠାରୁ ଶ୍ରମିକ ମାନଙ୍କ ଆମରଣ ଅନଶନ ଚେତାବନୀ ଏବେ ସମସ୍ତଙ୍କୁ ବେଶ ଚିନ୍ତାରେ ପକେଇଛି ବୋଲି କୁହାଯାଉଛି । ଗତ କିଛିଦିନ ତଳେ ରାଜ୍ୟରେ ହୋଇଥିବା ପ୍ରବଳ ଶୀତ ରେ ଶ୍ରମିକ ମାନେ ଖୋଲା ଆକାଶ ତଳେ ଧାରଣାରେ ବସିବା ସହ ଅନେକ ଶ୍ରମିକ ଅସୁସ୍ଥ ହୋଇ ମେଡିକାଲରେ ଭର୍ତି ହେବା ପର୍ଯ୍ୟନ୍ତ କଥା ମଧ୍ୟ ଯାଇଛି ।ବାରମ୍ବାର ଶ୍ରମିକ ସଂଘ ଓ କମ୍ପାନୀ କର୍ତ୍ତୃପକ୍ଷ ,କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରିଣୀ ଓ ଅତିରିକ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ବସି ଆଲୋଚନା କରିଥିଲେ ମଧ୍ୟ ଆଲୋଚନା ବିଫଳ ହୋଇଛି ।ଏତେ ଶୀତ କାକର ଓ ବର୍ଷା ସହ୍ୟକରି ଶ୍ରମିକ ମାନେ ନିଜର ହକ ପାଇଁ ପିଲା ଛୁଆ ଙ୍କୁ ଧରି ଧାରଣାରେ ବସିଥିବା ବେଳେ ଯଦି ୧୨ ଘଣ୍ଟା ମଧ୍ୟରେ ସେମାନଙ୍କର ଦାବି ପୂରଣ ନ ହୁଏ ତେବେ ସେମାନେ ଧାରଣାରୁ ଆମରଣ ଅନଶନକୁ ଓହ୍ଲାଇବୁ ବୋଲି ସିଧା ସଳଖ ଲିଖିତ ଚେତାବନୀ ଦେଇଥିବା ଜଣାପଡିଛି ।

# ଗହୀରମଥାରେ ଅଲିଭ ରିଡଲେଙ୍କ ଅଣ୍ଡାଦାନ ପକ୍ରିୟା ଆରମ୍ଭ

ରାଜନଗର ,(ସବ୍ୟୁ): ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ ଗହୀରମଥାର ନୀଳ ଜଳରାଶିରେ ଲକ୍ଷ ଲକ୍ଷ ଅଲିଭରିଡଲେ ମା କଇଁଛଙ୍କୁ ଦେଖିବାକୁ ମିଳୁଛି । ମା କଇଁଛମାନେ ଏବେ କୂଳମୁହାଁ ହେବାରେ ଲାଗିଛନ୍ତି। କେତେକ ମାଆ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପକ୍ରିୟାର ଶୁଭ ଦେଇଛନ୍ତି । ଗହୀରମଥାର ନାସୀ-୨ ରେ ୬ଟି ଅଲିଭରିଡଲେ କଇଁଛ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି ।ଏହି ଅଣ୍ଡା ଗୁଡିକୁ ସଂଗ୍ରହ କରାଯାଇ ବନବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଛି । ଯେଉଁ ଆକୃତିର ଗାତ ଖୋଳି ଏବଂ ଯେତିକି ଗଭୀର ଗାତ ଖୋଳି କଇଁଛ ଅଣ୍ଡା ଦେଇଛି, ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡିକୁ ରଖାଯାଇ ବାଲି ଘୋଡାଇ ଦିଆଯାଇଛି । ମା କଇଁଛ ଯେପରି ଭାବେ ଗାତ ଖୋଳି ଅଣ୍ଡା ଦେଇଥିଲା ଓ ଗାତକୁ ବାଲି ଘୋଡାଇଥିଲା, ଠିକ୍ ସେହିପରି ଭାବେ ବନବିଭାଗର କର୍ମଚାରୀମାନେ ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡିକୁ ଗାତ ଖୋଳି ରଖିଛନ୍ତି । ଫେବୃୟାରୀ ଦ୍ୱିତୀୟ ସପ୍ତାହ ହୋଇଥିଲେ ମଧ ଏଯାଏଁ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇନାହାଁନ୍ତି ।ସମୁଦ୍ର କୂଳଠୁଁ ଦେଢ କିଲୋମିଟର ମଧ୍ୟରେ ସାତସଭାୟା ରୁ ନାସୀ-୨ ଯାଏଁ ଲକ୍ଷାଧିକ କଇଁଛ ଭିଡ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି । ପାଗ ଅନୁକୂଳ ସହିତ କୂଳକୁ ଅଲିଭରିଡଲେ କଇଁଛ ଆସୁଥିବାରୁ ଗଣ ଅଣ୍ଡାଦାନ ପକ୍ରିୟା ଠିକ୍ ସମୟରେ ହେବ ବୋଲି କୁହାଯାଉଛ। ୨୦୨୨ ମସିହା ମାର୍ଚ୍ଚ ୧୭ରେ ଗଣ ଅଣ୍ଡାଦାନ ପକ୍ରିୟା ଆରମ୍ଭ ହୋଇଥିବା ବେଳେ ୨୦୨୩ରେ ମାର୍ଚ୍ଚ ୯ ରେ ଗଣଅଣ୍ଡାଦାନ ହୋଇଥିଲା । ଗତବର୍ଷ ପ୍ରଥମେ ଫେବୃୟାରୀ ୨୩ ରୁ ମାର୍ଚ୍ଚ ୨ ତାରିଖ ଯାଏଁ ଋଷିକୂଲ୍ୟା ମୁହାଁଣରେ ଏହି ବିରଳ କଇଁଛ ଗଣ ଅଣ୍ଡାଦାନ ପକ୍ରିୟାରେ ସାମିଲ ହେବା ସହ ରେକର୍ଡ ସଂଖ୍ୟକ ୬ ଲକ୍ଷ ୩୭ ହଜାର କଇଁଛ ଅଣ୍ଡାଦାନ କରିଥିଲେ । ମାତ୍ର ଗହୀରମଥାରେ ମାର୍ଚ୍ଚ ୯ ରୁ ୧୩ ତାରିଖ ମଧ୍ୟରେ ୫ ଲକ୍ଷ ୧୨ ହଜାର ୧୭୫ ଅଲିଭରିଡଲେ କଇଁଛ ଗଣଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥିଲେ । ପ୍ରତିବର୍ଷ ଭଳି ଚଳିତବର୍ଷ ନଭେମ୍ବର ୧ ତାରିଖ ଠାରୁ ମଇ ମାସ ୩୧ ତାରିଖ ଯାଏଁ ଦୀର୍ଘ ୭ ମାସ ଧରି ଧାମରା ମୁହାଣ ଠାରୁ ଦେବୀ ମୁହାଁଣ ଯାଏଁ ଦୀର୍ଘ ୧୨୦ କିଲୋମିଟର ଉପକୂଳରେ ମାଛ ଧରା ଉପରେ ବନବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି । ଏହି ବିରଳ କଇଁଛଙ୍କ ସୁରକ୍ଷା ପାଇଁ ବନବିଭାଗ, କୋଷ୍ଟଗାର୍ଡ, ମତ୍ସ୍ୟ ବିଭାଗ ଓ ସାମୁଦ୍ରିକ ଥାନା ପକ୍ଷରୁ ମିଳିତ ପଇଁତରା ଦିଆଯାଉଛି । ଏହି ପାଟ୍ରୋଲିଂ ସମୟରେ ନିଷିଦ୍ଧାଂଚଳରେ ମାଛ ଧରୁଥିବା ୩୦ ରୁ ଊର୍ଦ୍ଧ୍ୱ ଟ୍ରଲର ଜବତ ହେଉଥିବା ବେଳେ ୫ଶହରୁ ଊର୍ଦ୍ଧ୍ୱ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛା

# ରଶି ଲଗାଇ ନାବାଳିକାଙ୍କ ଆତ୍ମହତ୍ୟା

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ବ୍ଲକ ସୁହୁରିଆ ଗ୍ରାମର ପାରିବାରିକ କଳହ ଯୋଗୁଁ ଜଣେ ଯୁବତୀ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୁହୁରିଆ ଗ୍ରାମର ଚୈତନ୍ୟ ବେହେରା ଓ ତାଙ୍କ ପତ୍ନୀ ଘରେ ନଥିବା ବେଳେ ତାଙ୍କ ନାବାଳିକା ଝିଅ ହିମାନୀ ବେହେରା (୧୭) ଘରନିକଟସ୍ଥ ଏକ ଚାକୁଣ୍ଡା ଗଛରେ ରସି ଲଗାଇ ଆତ୍ମହତ୍ୟା କରିଛି । ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୁଲିସ ସେଠାରେ ପହଁଚି ମୃତଦେହ ଜବତ କରିବା ସହ ୫/୨୪ରେ ଏକ ଅପମୃତ୍ୟୁ ରୁଜୁ କରି ଘଟଣାର ତଦନ୍ତ କରୁଛ

# ଶ୍ରୀ ଦଧିବାମନ ଜୀଉଙ୍କ ୧୧ତମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନେମାଳ , (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ପୀଠ ସନ୍ନିକଟ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କର ୧୧ତମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଜି ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି । ନେମାଳ ଥାନା ଅଧିକାରୀ ସୁଶୀଲ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ଉତ୍ସବକୁ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଏସ୍‌ଆଇ ବ୍ରହ୍ମାନନ୍ଦ ସ୍ୱାଇଁ, ସମାଜସେବୀ ପ୍ରମୋଦ କୁମାର ମୁଦୁଲି, ପ୍ରସନ୍ନ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ମହାନ୍ତି, ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ତ୍ତିକଚନ୍ଦ୍ର ମୁଦୁଲି, ଦେବେନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଯୁବସମାଜସେବୀ ନୃସିଂହଚରଣ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କଣ୍ଠଶିଳ୍ପୀ ଅଞ୍ଜଳୀ ମିଶ୍ର ଓ ସାଥିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

# ଶିକ୍ଷା ଦାନ ହେଉଛି ରାଷ୍ଟ୍ର ନିର୍ମାଣର ସବୁଠାରୁ ବଡ କାମ

ଜଗତସିଂହପୁର,(ସବ୍ୟୁ): ଶିକ୍ଷା ଆମ ଜୀବନର ମୂଳ ଆଧାର ।ଶିକ୍ଷା ବିନା ଜୀବନର ମାନେ କିଛି ନାହିଁ ।ଶିକ୍ଷା ଦାନ ହେଉଛି ରାଷ୍ଟ୍ର ନିର୍ମାଣର ସବୁଠାରୁ ବଡ କାମ ।ମହିଳାମାନେ ଆଗକୁ ଗଲେ ଦେଶର ଅଗ୍ରଗତି ଘଟିବ ।ଶିକ୍ଷା କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲା ସବୁଠାରୁ ଆଗୁଆ ଜିଲ୍ଲା ।ପିଲାମାନଙ୍କୁ ଅଭିଭାବକମାନେ ସବୁବେଳେ ଉଚ୍ଚ ଅଭିଲାସା ରଖିବା ପାଇଁ କହିବା ଆବଶ୍ୟକ ।ପିଲାମାନେ ଭବିଷ୍ୟତରେ ଜଣେ ଭଲ ମଣିଷ ହେବାର ସୌଭାର୍ଗ ଅର୍ଜନ କରିବାର ଅଛି ବୋଲି ଜଗତସିଂହପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଯୋଗ ଦେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି ।ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ସଭାପତି ତଥା ବିଦ୍ୟାଳୟର ପୁର୍ବତନ ପ୍ରଦାନ ଶିକ୍ଷୟିତ୍ରୀ ଲୋଚନା କୁମାରୀ ଦେଇଙ୍କ ସଭାପତିତ୍ୱରେ ଆୟୋଜିତ ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସମାଜସେବୀ ରୀନା ରାଉତରାୟ ଯୋଗ ଦେଇ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲା ବିଶ୍ୱ ବିଦିତ ।ନିଜକୁ ପ୍ରତିପାଦନ କିରିପାରିଲେ ନିଶ୍ଚିତ ଭାବରେ ଜଣେ ଆଗକୁ ଯାଇ ପାରିବ ।ଶିକ୍ଷା,ଜ୍ଞାନ,ଦକ୍ଷତା ଓ ପରିବେଷଣ ଠିକ ରହିଲେ ମଣିଷ ସ୍ୱାବଲମ୍ବୀ ହୋଇପାରିବ ।ନମ୍ରତା ହିଁ ପ୍ରଗତିକୁ ଆଗକୁ ନେବାର ବାଟ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥୀ ଭାବରେ ପୌରାଧକ୍ଷା ଅର୍ଚ୍ଚନା ସିଂହ,ଅଙ୍ଗୁରବାଳା ନନ୍ଦୀ,ବାସନ୍ତୀ ସ୍ୱାଇଁ,ବାସନ୍ତୀ ମିଶ୍ର,ପୁରାତନ ଛାତ୍ରୀ ସଂସଦର ସଂପାଦକ ସ୍ମରିତା ଖଟୁଆ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଗୌରବମୟ ଇତିହାସ ବାବଦରେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ମହାସ୍ମିତା ଓଝା ବାର୍ଷୀକ ବିବରଣୀ ପାଠ କରିଥିବା ବେଳେ ମିଳନ ଜେନା ସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଶ୍ରୁତକିର୍ତ୍ତୀ ମହାପାତ୍ର,ମୀନାକ୍ଷୀ ସାହୁ,ଭାରତୀ ମହାପାତ୍ର,ଡ. ବବିତା ପଣ୍ଡା,ପାର୍ବତୀ ସାହୁ,ସ୍ୱାତୀ ପଟ୍ଟନାୟକ,ନିର୍ଝରିନୀ ନାୟକ,ପ୍ରଭାତି ଦାଶ,ତିଳୋତ୍ତମା ଦାଶ ପ୍ରମୁଖ ଶତାଧୀକ ପୁରାତନ ଛାତ୍ରୀ ଯୋଗ ଦେଇଥିଲେ ।

# ଦୁଇ ଲୁଟେରା ଗିରଫ, ବାଇକ୍ ଜବତ

ସାଲେପୁର: କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅଂଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ଯୋଗୁ ଯାତାୟତ କରୁଥିବା ବ୍ୟକ୍ତିମାନେ ଅସୁରକ୍ଷିତ ହୋଇ ପଡ଼ିଥିବା ବିଷୟ ଗଣମାଧ୍ୟମରେ ଏକାଧିକ ଥର ପ୍ରକାଶ ପାଇଥିଲା । ସାଲେପୁର ପୋଲିସ ଲୁଟେରାଙ୍କ ଉପରେ ତିକ୍ଷ୍ଣ ନଜର ରଖିଥିଲା । ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ପୋଲିସ ଫୋର୍ସ ସହ ଗୋଡ଼େଇ ଗୋଡ଼େଇ ଦୁଇ ଜଣ ଲୁଟେରାଙ୍କୁ ଗିରଫ୍ କରିବା ସହ ସେମାନେ ବ୍ୟବହାର କରୁଥିବା ବାଇକ୍ କୁ ଜବତ କରିଛନ୍ତି । କଟକ-ଚାନ୍ଦବାଲି ରାସ୍ତାର ନାନ୍ଦୋଳଗଡ଼ା ଠାରେ ଲୁଟେରା ମାନେ ଏକ ଗାଡ଼ିରୁ ଲୁଟ୍ କରୁଥିବା ୧୧୨ କୁ ଫୋନ୍ ଆସିଥିଲା । ଫୋନ୍ କଲ ପାଇବା କ୍ଷଣି ସାଲେପୁର ପୋଲିସ୍ ସଜାଗ ହୋଇ ଏକାଧିକ ସ୍ଥାନରେ ବ୍ଲକିଂ କରି ଚେକିଂ କରିଥିଲା । ଦୁଇ ଲୁଟେରା ଓଡ଼ି୧୩ଇ୧୫୦୫ ବାଇକ୍ ଯୋଗେ କେନ୍ଦ୍ରାପଡ଼ା କେନାଲ ବନ୍ଧରେ ଦ୍ରୁତ ଗତିରେ ପଳାଉଥିବା ବେଳେ କୋଲଣପୁର ନିକଟରେ ପୋଲିସ୍ ବ୍ଲକିଂ କରିଥିଲା । ପୋଲିସକୁ ଦେଖି ଦୁଇ ଲୁଟେରା ବାଇକ୍ କୁ ଫୋପାଡ଼ି ଦେଇ ଚିତ୍ରୋତ୍ପଳା ନଦୀ ଆଡ଼କୁ ଦୌଡ଼ି ଥିଲେ । ପୋଲିସ ଗୋଡ଼େଇ ଗୋଡ଼େଇ ସେମାନଙ୍କୁ କାବୁ କରିଥିଲା । ଧରା ପଡ଼ିଥିବା ଦୁଇ ଲୁଟେରାଙ୍କ ନାମ ସାଗର ମଲ୍ଲିକ ଓ ସତ୍ୟବ୍ରତ ମଲ୍ଲିକ ବୋଲି ଜଣାପଡ଼ିଛି । ସେମାନଙ୍କ ଠାରୁ ପୋଲିସ୍ ଟଙ୍କା ଓ ମାରଣାସ୍ତ୍ର ଜବତ କରିଥିବା କୁହାଯାଉଛି । ସାଲେପୁର ଥାନାରେ ଗ୍ରାମାଞ୍ଚଳ ଏସ୍‌ପି ମିହିର ପଣ୍ଡା, ଏସଡ଼ିପିଓ ନିହାର ରଂଜନ ପ୍ରଧାନ ଉପସ୍ଥିତ ରହି ଘଟଣାର ଛାନଭିନ୍ କରୁଛନ୍ତି ।

# ମଧୁବନ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

କୁଆଖିଆ ,(ସବ୍ୟୁ):ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟବିଂଶ ତମ ବାର୍ଷିକ ଉତ୍ସବ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଅଧକ୍ଷ ଶିବଚରଣ ମାଝି, ସମ୍ମାନିତ ଅତିଥି ଭାବେ ଆଡଭୋକେଟ ନିରଞ୍ଜନ ମହାରଣା, ସରପଂଚ ଅଶୋକ ମଲିକ, ସମିତି ସଭ୍ୟ ସୌମ୍ୟରଞ୍ଜନ ରାଉତ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରି ଶିଶୁ ମନ୍ଦିରର ନୈତିକ ଶିକ୍ଷା ଉପରେ କହିଥିଲେ । ସମ୍ପାଦକ ଅନିଲ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିଗମାନନ୍ଦ ମିଶ୍ର ମଂଚ ସଂଚାଳନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସଂଜୟ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

# ୨୬ ଦିନରେ ଜିଲ୍ଲା ପ୍ରାଣୀ ଚିକିତ୍ସକଙ୍କ ଧାରଣା



କେନ୍ଦ୍ରାପଡ଼ା ,(ସବ୍ୟୁ): କେନ୍ଦ୍ରାପଡା ରେ ପ୍ରାଣୀ ଚିକିତ୍ସକ ମାନଙ୍କ ଧାରଣା ୨୬ ଦିନରେ ପହଁଚିଛି । ଦୀର୍ଘ ବର୍ଷ ଧରି ବିନା ପଦୋନ୍ନତିରେ ପ୍ରାଣୀ ସେବା ଜାରି ରଖିବା ସତ୍ତ୍ୱେ ରାଜ୍ୟ ସରକାର ପ୍ରାଣୀ ଚିକିତ୍ସକ ମାନଙ୍କ ଅନେକ ଦିନର ଦାବି ଗୁଡିକୁ କ୍ରମାଗତ ଭାବେ ଅଣଦେଖା କରି ଚାଲିଛନ୍ତି । ଦାବି ପୁରଣରେ ଅହେତୁକ ବିଳମ୍ବ ହେବାରୁ ରାଜ୍ୟ ପ୍ରାଣୀ ଚିକିତ୍ସା ସେବା ସଂଘର ଆହ୍ୱାନ କ୍ରମେ କେନ୍ଦ୍ରାପଡାର ସମସ୍ତ ପ୍ରାଣି ଚିକିତ୍ସକ ମାନେ ଗତ ୧୮ ତାରିଖରୁ ସମୂହ ଛୁଟି ଘୋଷଣା କରିଛନ୍ତି । ସଂଘର ଦାବି ଗୁଡିକ ମଧ୍ୟରେ ପ୍ରାଣି ଚିକିତ୍ସା ସେବା କ୍ଷେତ୍ରରେ ବ୍ୟାପକ ରୂପାଂରଣ ଯଥା ୨୪ ଘଣ୍ଟା ପ୍ରାଣି ଚିକିତ୍ସା ସେବା ବ୍ୟବସ୍ଥା, ବିଶେଷଜ୍ଞ ସେବା, ରାଜ୍ୟରେ ପ୍ରାଣୀଗଣନା ଓ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି, ପ୍ରାଣୀ ଚିକିତ୍ସକ ମାନଙ୍କ କ୍ୟାଡର ପୁନଃ ଗଠନ ଏବଂ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ସହ ସମାନ ପଦୋନ୍ନତି ସହ ଏନ୍‌ପିଏ ବ୍ୟବସ୍ଥା ଆଦି ରହିଛି । ଦୀର୍ଘ ୨୬ ଦିନ ବିତି ଯାଇଥିଲେ ମଧ ପ୍ରାଣୀ ଚିକିତ୍ସକ ମାନେ ସମୂହ ଛୁଟିରେ ଯାଇଥିଲେ ମଧ ଏପର୍ଯ୍ୟ' ସରକାରଙ୍କ ତରଫରୁ ଆଲୋଚନା କରିବା ନିମ' ପ୍ରସ୍ତାବ ରଖାଯାଇ ନାହିଁ । ଅପରପକ୍ଷ ରେ ଜିଲ୍ଲାରେ ଗୃହପାଳିତ ପଶୁ ଓ ପ୍ରାଣୀଧନ ବ୍ୟବସାୟ କରୁଥିବା ଚାଷୀମାନେ ପ୍ରାଣୀ ସମ୍ପଦର ଚିକିତ୍ସା ପାଇଁ ଓ ଆବଶ୍ୟକୀୟ ପ୍ରତିଷେଧକ ଟୀକା, ଇକେସନ୍ ଇତ୍ୟାଦି ଚିକିତ୍ସା ସୁବିଧାରୁ ବଂଚିତ ହୋଇ ମାନସିକ ଦୁଶ୍ଚି'ାରେ ରହିଛନ୍ତି । ପ୍ରାଣୀ ଚିକିତ୍ସା ଚାଲୁ ରଖିବା ପାଇଁ ସରକାର ପ୍ରାଣୀଧନ ନିରୀକ୍ଷକ ମାନଙ୍କୁ ଚିଠିଜାରି କରିଥିବାରୁ ପ୍ରାଣୀ ଚିକିତ୍ସକ ତଥା ପ୍ରାଣୀ ପାଳକ ମହଲରେ ଘୋର ଅସ'ୋଷ ସୃଷ୍ଟି ହୋଇଛି । ତୁର' ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଲକ୍ଷ ଲକ୍ଷ ଗୃହପାଳିତ ପ୍ରାଣୀ ଓ ପ୍ରାଣୀ ବ୍ୟବସାୟୀଙ୍କ ସୁବିଧା ପାଇଁ ଉଦ୍ୟମ କରିବାକୁ ସାଧାରଣରେ ଦାବି ହେଉଛି ।

# ମୋ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

କୋରେଇ,(ସବ୍ୟୁ) କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟ ପଂଚାୟତରେ ମୋ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଦୟାନିଧି ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଂଚ କୃଷ୍ଣମୋହନ ସାହୁ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ଦୁଇ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମାଝୀ, ସମିତି ସଭ୍ୟା ବେଗମ, ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା ପ୍ରମୁଖ ଯୋଗ ଦେଇ ଓଡ଼ିଶା ସରକାରଙ୍କ ଜନକଲ୍ୟାଣ ଯୋଜନା ଗୁଡ଼ିକର ସଫଳ ରୁପାୟନ ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଇଓ ନିବେଦିତା ସ୍ୱାଇଁ, ଜିଆରଏସ ବିଶ୍ୱନାଥ ସାହୁ, ଆରଡବ୍ଲୁଏସ ସଂଯୋଜକ ଚନ୍ଦନ କୁମାର ଦାସ, ମିସନଶକ୍ତି ଓଏଲଏମ ଅଯୋଧ୍ୟାନାଥ ରାୟସାମନ୍ତ, ରଂଜନ କୁମାର ଓଝା, ନାରୀନେତ୍ରୀ ପ୍ରିତିପଦ୍ମା ସାହୁ, ଅଶୋକ ସ୍ୱାଇଁ ପ୍ରମୁଖଙ୍କ ସମେତ ପଂଚାୟତର ୱାର୍ଡ଼ ସଭ୍ୟ/ସଭ୍ୟା, ବହୁ ମହିଳା, ଯୁବକ, କୃଷକ, ମିସନଶକ୍ତିର ମହିଳାସଂଘ, ଅଙ୍ଗନବାଡ଼ି ଓ ଆଶାକର୍ମୀ ଯୋଗଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ପଂଚାୟତର ଶିକ୍ଷାବିତ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ମୁରବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଦୈନିକ ଚୋରି ହେଉଛି ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଳାପଥର

ଚଣ୍ଡିଖୋଲ ,(ସବ୍ୟୁ): ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲରେ ହଜାର ହଜାର କୋଟି ଟଙ୍କାର କଳାପଥର ଚୋରୀ ଓ ବହୁଳ ସରକାରୀ ରାଜସ୍ୱ ଫାଙ୍କି ସହିତ ଖଣିରେ ଏକାଧିକ ନିରିହ ଲୋକଙ୍କର ପଥର ଚାପାରେ ଅକାଳ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଦୀର୍ଘ ଦିନହେବ ମୁଖ୍ୟ ପ୍ରସଙ୍ଗ ହୋଇଛି । ଯେଉଁ କେତେକ ଲିଜଧାରୀ ବେପରବାୟ ଭାବେ ଚୁକ୍ତିଠାରୁ ବହୁ ଅଧିକ ପରିମାଣର ପଥର ଉତ୍ତୋଳନ କରିଥିଲେ ତାହାର ସରଜମିନ ତଦନ୍ତ ଓ ମାପଚୁପ କରାଯାଇ ଇତିମଧ୍ୟରେ ସେହିସବୁ ଖଣି ଚୋରଙ୍କ ଉପରେ ପ୍ରାୟ ୩ଶହ କୋଟି ଟଙ୍କାର ଯୋରୀମାନା ଓ ରୟାଲିଟ ଧାର୍ଯ୍ୟ କରାଯାଇଛି! ଏହି ଯୋରୀମାନା ଓ ରୟାଲିଟି ଆଦାୟ ପାଇଁ ସେହିସବୁ ପୂର୍ବ ଲିଜଧାରୀଙ୍କୁ ଧର୍ମଶାଳା ତହସିଲଦାରଙ୍କ ପକ୍ଷରୁ ଡିମାଣ୍ଡ ନୋଟିସ ଦିଆଯାଇ ଯଥାଶୀଘ୍ର ଏହି ଅର୍ଥ ପୈଠପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ନୋଟିସ ଓ ନିର୍ଦ୍ଦେଶ ନାମା ଗତ ପ୍ରାୟ ବର୍ଷେ ତଳୁ ସପୃକ୍ତ ଖଣିଚୋର ମାନଙ୍କୁ ଦିଆଯାଇଥିଲେ ମଧ ଜଣେହେଲେ ପଥରଚୋର ଅର୍ଥ ପୈଠ କରି ନାହାଁନ୍ତି ! ସବୁଠାରୁ ବିଡମ୍ବନାର ବିଷୟ ଏହି ସମୟ ମଧ୍ୟରେ ପ୍ରଶାସନ ମଧ ଏହି ଶତାଧିକ କୋଟି ଟଙ୍କାର ବାକିଆ ସରକାରୀ ଅର୍ଥ ଆଦାୟ ପାଇଁ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ଅନ୍ୟପକ୍ଷରେ ଏବେ ଧର୍ମଶାଳା ତହସିଲରେ ଥିବା ଶତାଧିକ ପଥର ଖଣିରେ ବେଆଇନ ଖନନ ଓ ଆଖିବୁଜା ପଥର ଚୋରି ଚାଲିଥିଲେ ମଧ ତାକୁ ରୋକିବା ପାଇଁ କାହାରି ସାମାନ୍ୟତମ ନିଘା ନଥିବା ଦେଖିବାକୁ ମିଳିଛି । ଖଣି ଓ ରାଜସ୍ୱ ବିଭାଗ ଅଧିକାରୀ ମାନଙ୍କ ସହ ପଥର ଚୋରଙ୍କ ଏବେ ସୁସମ୍ପର୍ଣ୍ଣ ଗଢିଉଠିଥିବାରୁ ଅନ୍ୟାୟାସରେ ରାତିଦିନ ଏହି କୋଟିକୋଟି ଟଙ୍କାର ପଥର ଚୋରି ଚାଲିଥିବା ସାଧାରଣରେ ଆଲୋଚନା ହେଉଛି ! ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଇତିମଧ୍ୟରେ ସରକାର ସମସ୍ତ କଳାପଥର ସୈରାତକୁ ମେଜର ମାଇନସ୍ ଭାବେ ଘୋଷଣା କରିଛନ୍ତି ! ଏହି ଆଧାରରେ ଧର୍ମଶାଳା ତହସିଲରେ ମୋଟ କାର୍ଯ୍ୟକ୍ଷମ ଥିବା ୯୮ଟି ପଥର ଖଣିରୁ ୬୪ଟିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିଲା ବେଳେ ଅବଶିଷ୍ଟ ୩୪ଟି ଏବେ ବି ରାଜସ୍ୱ ବିଭାଗ ଅଧିନରେ ରହିଛି ! ଏଠାର ପଥର ଖଣିଗୁଡିକ ରାଜସ୍ୱ ଓ ଖଣି ବିଭାଗ ମଧ୍ୟରେ ଭାଗବଣ୍ଟା ହେବାପରେ ଗତ ୮ ମାସ ହେବ ବିନା ଲିଜରେ ରହିଥିବା ଥିବା ଖଣି ଗୁଡିକ ପଥର ଚୋରଙ୍କ ପାଇଁ ଖୋଲାମେଲା ହୋଇଯାଇଛି । ଚୋରମାନେ ପାହାଡ ପର୍ବତରେ ଥିବା ଖଣିରେ ଶକ୍ତିଶାଳୀ ବିସ୍ଫୋରଣ କରି ବେଆଇନ ଭାବେ ଦିନରାତି କୋଟିକୋଟି ଟଙ୍କାର ମୂଲ୍ୟବାନ କଳାପଥର ଚୋରି କରୁଛନ୍ତି । ଯେଉଁ କେତୋଟି ଖଣିକୁ ଲିଜ ପ୍ରଦାନ କରାଯାଇଛି ଲିଜଧାରୀ ମାନେ ଟିକସ ଓ ରୟାଲିଟି ଫାଙ୍କିବା ପାଇଁ ସେମାନଙ୍କ ଲିଜ ଖଣିରୁ ପଥର ଉତ୍ତୋଳନ ନକରି କେବଳ ଅଣଲିଜ ପ୍ରାପ୍ତ ଖଣି ଗୁଡିକରୁ ବେଆଇନ ଭାବେ ବଡବଡ ପ୍ରୋକଲିନ ମେସିନ ଓ ହାଇଡଆ ଲଗାଇ ଆଖିବୁଜା ପଥରଲୁଟ କରୁଛନ୍ତି । ବିଶେଷକରି ଏବେସୁଧା ଲିଜ ହୋଇନଥିବା ଖଣି ବିଭାଗ ଅଧିନ ସୈରାତ ଗୁଡିକ ସମେତ ଜଙ୍ଗଲ,ଗୋଚର ଓ ରାଜସ୍ୱ ବିଭାଗର ନିଷିଦ୍ଧ ଖଣିଗୁଡିକରୁ ମାଫିଆମାନେ ପଥର ଲୁଟପାଟ କରୁଛନ୍ତି ।ଏକ ଆକଳନ ଅନୁଯାଇ ପ୍ରତ୍ୟେକଦିନ ଧର୍ମଶାଳା ତହସିଲ ଅଞ୍ଚଳର ନିଶିଦ୍ଧ ଖଣି ଗୁଡିକରୁ ଅତିକମରେ ଏବେ ୧୦କୋଟି ଟଙ୍କାର କଳାପଥର ଚୋରିହୋଇ ଚାଲିଛି । ସରକାରୀ ହିସାବ ଅନୁଯାଇ ଏବାବଦରେ ସରକାର ରୟାଲିଟି ଓ ଅନ୍ୟାନ୍ୟ ଟିକସ ବାବଦରେ ଦୈନିକ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ହରାଉଛନ୍ତି । ଖୁଲମଖୁଲା ଭାବେ ଅଣଲିଜପ୍ରାପ୍ତ ବାଜବାଟି, ରାହାଡପୁର, ଆରୁହା, ଡଙ୍କାରୀ, ବରଡା, ବୁଡାବରାଣ୍ଡିଆ,

ବାରମାଣ,ଅଞ୍ଜିରା ସମେତ କୁଣ୍ଡୁନପୁର ମୌଜାର ଜଙ୍ଗଲ ବିଭାଗ ଖଣି ଗୁଡିକରୁ ଏପରି ବ୍ୟାପକ ପଥର ଚୋରି ଚାଲିଛି । ଏତେବଡ ଚୋରି ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମାନେ ଜେନାପୁର, ଧର୍ମଶାଳା ଥାନା ସମେତ ଧର୍ମଶାଳା ତହସିଲଦାର ଓ ଖଣି ବିଭାଗ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ।

# ବାଇକ ଡ଼ିକି ଭାଙ୍ଗି ରୁପା ଅଳଙ୍କାର ଲୁଟ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲିଥାନା ଅଂଚଳରେ କ୍ରମାଗତ ଭାବେ ଚୋରି ବୃଦ୍ଧି ପାଉଥିବା ବେଳେ ଚୋର ମାନଙ୍କୁ ଧରିବା ପୁଲିସ ପାଇଁ ଚ୍ୟାଲେଂଜ ପାଲଟିଛି। ତେବେ ଜଣେ ଅଳଙ୍କାର ସଫା କରୁଥିବା କାରିଗରର ବାଇକ ଡ଼ିକି ଭାଙ୍ଗି ଅଳଙ୍କାର ଲୁଟି ନେବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯେ କୁଆଖିଆ ଥାନା ଅନ୍ତର୍ଗତ ସୁଆଁସାହି ଗ୍ରାମର କାଳନ୍ଦୀ ସାହୁଙ୍କ ପୁଅ ଶତ୍ରୁଘ୍ନ ଜଣେ ଅଳଙ୍କାର ସଫା କରିବା କାରିଗର ଅଟନ୍ତି। ସେ ପ୍ରତିଦିନ ବାଇକରେ ବୁଲି ବୁଲି ଗାଁରେ ସୁନା ରୁପା ଅଳଙ୍କାର ଅଡ଼ିକୁ ସଫା କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ପାଣିକୋଇଲି ପଂଚାୟତ ଅଲତିରି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରର ଗେଟ ବାହାରେ ବାଇକ ରଖି ଘରୁ ଅଳଙ୍କାର ସଫା କରିବା ଲାଗି ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କର ବାଇକରୁ ଡ଼ିକି ଭାଙ୍ଗି ରୁପା ଅଳଙ୍କାର ଗୁଡ଼ିକୁ ଲୁଟି ନେଇଥିଲେ। ଅଳଙ୍କାର ସଫା କରି ଶତ୍ରୁଘ୍ନ ଗେଟ ବାହାରକୁ ଆସି ବାଇକର ଡ଼ିକି ଭଙ୍ଗା ଯାଇଥିବା ବେଳେ ସେଥିରେ ଅଳଙ୍କାର ଗୁଡ଼ିକ ନଥିବା ନେଇ ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଥାନାରେ ଏକ ମାମଲା ୯୦/୨୪ରଜୁ କରିବା ସହିତ ସେହି ରାସ୍ତାରେ ଥିବା ଏକ କେବୁଲ କାର୍ଯ୍ୟାଳୟରେ ଲଗାଯାଇଥିବା ସିସିଟିଭି ଫୁଟେଜକୁ ଆଣି ଯାଂଚ କରୁଛି।

# ଏସଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ



ଜଗତସିଂହପୁର୧୧୨(ସବ୍ୟୁ): ଜଗତସିଂହପୁର ସହରର ପ୍ରତିଷ୍ଠିତ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ଡଃ. କମଳା ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ସରକାରୀ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ମହାବିଦ୍ୟାଳୟର ଗୌରବ ତଥା ଖ୍ୟାତି ସଂପର୍କରେ ବର୍ଣ୍ଣନା କରିଥିଲେ। କଲେଜ ଅଧ୍ୟକ୍ଷ ବିଜୟ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଓ କର୍ମଚାରୀ ମାନେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ।ଏହି ଅବସରରେ କଲେଜର ପୂର୍ବତନ ଅଧ୍ୟାପକ କେଦାର ବିଶ୍ୱାଳ,ବଂଶୀଧର ଦାସ ଶରତଚନ୍ଦ୍ର ସାହୁତଥା ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ,କର୍ମଚାରୀ ରାଜକିଶୋର ମହାନ୍ତି,ମାଗୁଣି ଚରଣ ସେନାପତି ଓ ଫକିର ମଲ୍ଲିକଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିବା ସହିତ ୨୦୨୨-୨୩ ମସିହାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ନୂତନ ଗୃହକୁ ସରକାରୀ ମୁଖ୍ୟ ସଚେତକ ଶ୍ରୀ ମୁଦୁଲି ଉଦ୍ଘାଟନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହାସ୍ୟ ରସିକ ରାଜୁ ଦାସ ପିଲାମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଅଭିନୟ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କଲେଜ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହାୟତା କରିଥିଲେ । ଶେଷରେ ୨ ବିଭାଗର ଅଧ୍ୟକ୍ଷ ଡଃ.ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ : ମୁତୟନ ହେବେ ୩୦୦ ସ୍ୱେଚ୍ଛାସେବୀ




କୋଣାର୍କ, (ସବ୍ୟୁ) :ପବିତ୍ର ମାଘସପ୍ତମୀ ବୁଡ ନିମନ୍ତେ କୋଣାର୍କ ଯାତ୍ରୀ ନିବାସ ବାଙ୍କୁଏଟ ହଲ ଠାରେ ସ୍ୱେଛାସେବୀ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସମନ୍ୱୟ କମିଟିର ସଂଯୋଜକ ତଥା ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଣାର୍କ ଏନଏସି ର୍ନିବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା ପ୍ରମୁଖ ଯୋଗଦେଇ ପବିତ୍ର ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ଷଷ୍ଠୀ ୧୫ ତାରିଖ ଓ ସପ୍ତମୀ ୧୬ତାରିଖ ଦୁଇ ଦିନ ଧରି ଶ୍ରଦ୍ଧାଳୁଙ୍କ ସେବା ଓ ସୁରକ୍ଷିତ ସ୍ନାନ କାମ ନିମନ୍ତେ ୩୦୦ ଜଣ ସ୍ୱେଚ୍ଛାସେବୀ ମୁତୟନ କରାଯିବ ବୋଲି ସ୍ୱେଚ୍ଛାସେବୀ ସମନ୍ୱୟ କମିଟି ବୈଠକରେ ସ୍ଥିର କରାଯାଇଛି। ପୁରୀ ଜିଲ୍ଲା ନେହେରୁ ଯୁବ କେନ୍ଦ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ସବୁଜ ବାହିନୀର ସ୍ୱେଚ୍ଛାସେବୀ, ଏନସିସି, ରେଡକ୍ରସ, ସ୍କାଉଟ, ଗାଇଡ, ଏନଏସଏସ ସମେତ ବିଭିନ୍ନ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୩୦୦ ଜଣ ସ୍ୱେଚ୍ଛାସେବୀ ଶ୍ରଦ୍ଧାଳୁ ଟ୍ରାଫିକ ନିୟନ୍ତ୍ରଣ, ପରିମଳ, ସମୁଦ୍ର କୂଳ, ତୀର୍ଥ ପୁଷ୍କରିଣୀରେ ମୁତୟନ କରାଯିବା ସହ ଶ୍ରଦ୍ଧାଳୁଙ୍କ ସେବା କାର୍ଯ୍ୟ ନିମନ୍ତେ ନିୟୋଜିତ ହେବେ ବୋଲି ସ୍ୱେଚ୍ଛାସେବୀ ସମନ୍ୱୟ କମିଟି ସଂଯୋଜକ ତଥା ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରକାଶ କରିଛନ୍ତି।

## ନନ୍ଦନକାନନ ଆସିଲା ଉଦ୍ଧାର ଶାଗୁଣା

ବାରଙ୍ଗ , (ସବ୍ୟୁ) : ରବିବାର ବିଳମ୍ବିତ ରାତିରେ ବାଲେଶ୍ୱର ରୁ ଉଦ୍ଧାର ହୋଇଥିବା ଗୋଟିଏ ଶାଗୁଣା ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିଛି। ସୂଚନା ଯୋଗ୍ୟ ଯେ, ବାଲେଶ୍ୱର ଡିଭିଜନ ଜଳେଶ୍ୱର ରେଞ୍ଜ ରେ ଗୋଟିଏ ଗାଁ ଭିତରେ ଏହି ଶାଗୁଣା ଉଡ଼ି ଆସି ରାସ୍ତାରେ ପଡ଼ିଥିଲା । ଗାଁ ଲୋକେ ଶାଗୁଣା କୁ ଦେଖି ବନ ବିଭାଗ କୁ ଖବର ଜଣାଇଥିଲେ । ବନବିଭାଗ ଏହି ଶାଗୁଣା କୁ ଆଣି ରବିବାର ରାତିରେ ନନ୍ଦନକାନନ ହସ୍ତାନ୍ତର କରିଛି । ଏଠାକୁ ଶାଗୁଣା ଟି ଆସିବା ପରେ ପ୍ରାଣୀ ଉଦ୍ୟାନ ପଶୁ ଚିକିତ୍ସକ ପ୍ରାଥମିକ ଚିକିତ୍ସା କରି ଉଦ୍ୟାନ ର ଆଇସୋଲେଶନ ୱାର୍ଡ ରେ ରଖିଥିବା ସୂଚନା ମିଳିଛି ।ଏହି ପ୍ରଜାତି ର ଶାଗୁଣା ନନ୍ଦନକାନନରେ ୬ କୁ ବୃଦ୍ଧି ପାଇଛି।

## ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ

ନିରାକାରପୁର, (ସବ୍ୟୁ) : ରବିବାର ରାତି ରେ ୧୬ ନମ୍ବର ଜାତୀୟ ରାଜପଥ ବଡପୋଖରିଆ ଛକ ନିକଟରେ ଏକ ବୋଲେରୋ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହାଇଥିବା ଜଣାପଡିଛି। ବଡପୋଖରିଆ ଗ୍ରାମ ର ଅକ୍ଷୟ କୁମାର ବଳିୟାର ସିଂହ ଓ ତାଙ୍କର ବନ୍ଧୁ ପ୍ରଶାନ୍ତ ମାନସିଂହ ଏକ ବାଇକ୍ ରେ ରାମେଶ୍ୱର ଯାଉଥିବା ବେଳେ ପଛପଟୁ ଦ୍ରୁତ ଗତିରେ ଏକ ବୋଲେରୋ ଆସି ପିଟିଥିବା ଅଭିଯୋଗ ହୋଇଛି। ଖବର ପାଇ ପରିବାର ଲୋକ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।ଏ ସଂପର୍କରେ ଅକ୍ଷୟ ଙ୍କ ପିତା ବିଜୟ ବଳିୟାର ସିଂହ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିବା ସହ ବୋଲେରୋ ଗାଡ଼ି ଡ୍ରାଇଭର ବିରୁଦ୍ଧରେ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି। ଦୁର୍ଘଟଣା ଘଟାଇ ଥିବା ବୋଲେରୋ ଗାଡ଼ି ନମ୍ବର ଓଡି ୦୨ .ବିଏମ୍୬୮୬୪ ବୋଲି ଜଣାଯାଇଛି।

## ୧୬ରେ ଅଙ୍ଗନବାଡି କର୍ମୀଙ୍କ ଧର୍ମଘଟ

ସାକ୍ଷୀଗୋପାଳ , (ସବ୍ୟୁ) : କେନ୍ଦ୍ରୀୟ ଟ୍ରେଡ ୟୁନିଅନ ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନରେ ଚଳିତ ମାସ ୧୬ ତାରିଖରେ ଦେଶ ବ୍ୟାପି ଧର୍ମଘଟ ଅନୁଷ୍ଠିତ ହେବା।ଏହାକୁ ସଫଳ କରିବା ପାଇଁ (ଏଆଇଟିୟୁସି ) ନିଖିଳ ଓଡିଶା ଅଙ୍ଗନବାଡି କର୍ମି ସଂଘ ସତ୍ୟବାଦୀ କମିଟି ପକ୍ଷରୁ ସ୍ଥାନୀୟ ପଞ୍ଚସଖା ସ୍ମୃତିପୀଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଙ୍ଗନବାଡି କର୍ମି ଓ ସହାୟିକା ଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରୁଛନ୍ତି ଏଣୁ ସେମାନଙ୍କ ସର୍ବନିମ୍ନ ମଜୁରୀ ମାସିକ ୨୬୦୦୦ ଟଙ୍କା ଦେବା ଓ ଅଙ୍ଗନବାଡି କର୍ମି ଓ ସହାୟକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ସହ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆଦି ବିଷୟରେ ସେମାନଙ୍କ ହକ ପାଇବା ପାଇଁ ଧର୍ମଘଟରେ ସତ୍ୟବାଦୀ ଅଙ୍ଗନବାଡି କର୍ମୀ ସଙ୍ଘ ସାମିଲ ହେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି ।ଏହି ବୈଠକରେ ସଭାନେତ୍ରୀ ନିରଞ୍ଜନା ଦୀକ୍ଷିତ , ସଂପାଦିକା- ଲକ୍ଷ୍ମୀପ୍ରିୟା ମହାପାତ୍ର. ନେତୃତ୍ୱ ମଣ୍ଡଳୀ ପ୍ରଭାତୀ ଷଡଙ୍ଗୀ, ରଞ୍ଜିତା ରଥ , ସୁଲୋଚନା ମିଶ୍ର, ବିଜୟ ଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ ।

## ମୁଖ୍ୟମନ୍ତ୍ରୀ ସଂପୂର୍ଣ ପୁଷ୍ଟି ଯୋଜନା

ଟାଙ୍ଗୀ,(ସବ୍ୟୁ) : ଚିଲିକା ବ୍ଲକ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ତରଫରୁ ଜରିପଡା ପଞ୍ଚାୟତର ପାଣିଦୁଆର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀ ସଂପୂର୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସୁପରଭାଇଜର ସବିତା ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜରିପଡା ସରପଞ୍ଚ ଦୀପୁନା ସାହୁ, ଡାକ୍ତର ମଧୁସ୍ମିତା ଭୂଇଁଆ, କମ୍ୟୁନିଟ ହେଲ୍ଥ ଅଫିସର ପ୍ରିୟଙ୍କା ବାର୍ଲା ସୁପରଭାଇଜର ଦଣ୍ଡପାଣୀ ଘଡେଇ, ପ୍ରଧାନଶିକ୍ଷକ ସନ୍ଧ୍ୟାରାଣୀ ସେନ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ । ଡାକ୍ତର ଭୂଇଁଆ ଉପସ୍ଥିତ ସମସ୍ତ ଅଙ୍ଗନବାଡି କର୍ମୀ, ସହାୟିକା ଓ କିଶୋରୀ ବାଳିକା ମାନଙ୍କୁ ସୁସ୍ଥତା ର୍ନିମିତ ପୁଷ୍ଟିକର ଖାଦ୍ୟ ଉପରେ ବିଭିନ୍ନ ସଚେତନତା ବାର୍ତା ପ୍ରଦାନ କରିଥିଲେ । କିଶୋରୀମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ଗୀତ ପ୍ରତିଯୋଗିତା ହେବା ସହିତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଜିତେନ୍ଦ୍ର ମାନସିଂହ ସଂଯୋଜନା କରିଥିଲେ ।ଏହାପରେ କୃତି କିଶୋରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରାକ୍ତନ ନିର୍ଦ୍ଦେଶକଙ୍କ ପରଲୋକ

ନିରାକାରପୁର, (ସବ୍ୟୁ) :ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ର ପ୍ରାକ୍ତନ ନିର୍ଦ୍ଦେଶକ, ଛଣଗିରି ପୂର୍ବତନ ସରପଞ୍ଚ ପ୍ରାକ୍ତନ ଟାଙ୍ଗୀ ବ୍ଲକ ବିଜେଡି ସଭାପତି , ଛଣଗିରି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ଅଜୟ କୁମାର ମହାନ୍ତି(୭୫)ଙ୍କର ନିଜ ଛଣଗିରି ବାସଭବନରେ ଗତଶୁକ୍ରବାର ଦିନ ପରଲୋକ ହୋଇଯାଇଛି।ମୃତ୍ୟୁ ଖବର ପାଇ ବିଭିନ୍ନ ପଂଚାୟତ ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ।୧୯୭୪ ମସିହା ଠାରୁ ୧୯୯୫ ପଯ୍ୟନ୍ତ ସରପଞ୍ଚ ଓ ୧୯୮୪ ମସିହା ଠାରୁ ୨୦୧୪ ପଯ୍ୟନ୍ତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ର ନିର୍ଦେଶକ ରହିଥିଲେ। ତାଙ୍କର ମୃତ୍ୟୁ ରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଶନିବାର ଦିନ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ଙ୍କ ସଭାପତିତ୍ୱରେ ଏକ ଶୋକସଭା କରାଯାଇ ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ଏ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କର ସମ୍ମାନ ରେ ଛଣଗିରି ହାଟ, ବଜାର ବନ୍ଦ ରହିଥିଲା। ଗ୍ରାମ ଶ୍ମଶାନରେର ଶେଷ କୃତ୍ୟ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ନିଳଲୋହିତ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ବନମାଳୀପୁରରେ ଯୁବ ସମ୍ମିଳନୀ

ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡା ବ୍ଲକ ଅଧିନ ବନମାଳୀପୁରସ୍ଥିତ ପ୍ରଭୁ ଶ୍ରୀସୋମନାଥଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଜେଡି ପକ୍ଷରୁ ଏକ ଯୁବ ସମ୍ମିଳନୀ ବ୍ଲକଯୁବ ବିଜେଡି ସଭାପତି ମନୋରଂଜନ ବେହେରାଙ୍କ ପୌରହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲ୍ଲା ଯୁବବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ସଂପାଦକ ଅଖିଳ କୁମାରପଣ୍ଡା, କୁମ୍ଭାରପଡା ସମିତି ସଭ୍ୟ ନରେନ୍ଦ୍ର ନାଥ ଦାଶ. ସରପଂଚ ଚିନ୍ମୟ କୁମାରପଣ୍ଡା, ଛାତ୍ର ବିଜେଡି ସଭାପତି ବିକ୍ରମ ପ୍ରଧାନ, ରାଣୀଛେଲୀ ସରପଂଚଜିତେନ୍ଦ୍ର କୁମାର ସ୍ୱାଇଁ, ସିଂଘାପଡା ସରପଂଚ ସୁନିଲ ପ୍ରଧାନ ପ୍ରମୁଖ ବହୁଯୁବ ନେତା ସମ୍ମିଳନୀରେ ଯୋଗଦେଇଥିଲେ। ଯୁବକମାନେ ତୃଣମୂଳ ସ୍ତରରୁ ଦଳୀୟସଂଗଠନକୁ ସୁଦୃଢ଼ କରିବା ଉପରେ ସମ୍ମିଳନୀରେ ଗୁରୁତ୍ୱାରୋପକରାଯାଇଥିଲା। ସେହିପରି ଅଗାମୀ ଦିନରେ ଦଳପକ୍ଷରୁ ଆୟୋଜିତ ହେବାକୁ ଥିବା ଘରେଘରେ ଶଙ୍ଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ଯୁବକମାନଙ୍କରଗୁରୁତ୍ୱପୂର୍ଣ୍ଣ ଭୁମିକା ରହିଥିବାରୁ ଏଥି ନିମନ୍ତେ ସମସ୍ତେ ଯନ୍ତ୍ୱବାନ ହେବାକୁ ଦଳୀୟ ନେତାମାନେ ସମ୍ମିଳନୀରେ ଯୋଗଦେଇଥିବା ଶତାଧିକ ଯୁବକମାନଙ୍କୁପରାମର୍ଶ ଦେଇଥିଲେ। ବିଜୟ କୁମାର ତ୍ରିପାଠୀ ସମ୍ମିଳନୀରେ ସଂଯୋଜନା କରିଥିଲେ। ଖଣ୍ଡପଡ଼ା ବ୍ଲକ୍ ଅଧିନ ୨୨ ଗୋଟି ପଞ୍ଚାୟତ ଓ ଖଣ୍ଡପଡ଼ା ସହରରରୁ ବହୁ ଯୁବକ ସ୍ୱେଚ୍ଛାସେବୀମାନେ ସମ୍ମିଳନୀରେ ଯୋଗଦେଇଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ କଳସ ଯାତ୍ରା

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ ଦାମୋଦରପୁର ପୁର ଗ୍ରାମରେ ଥିବା ଅଧିଷ୍ଠାତ୍ରୀ ଦେବୀ ମାନାରାୟଣୀ ବସନ୍ତାଇ ଙ୍କ ୧୩ତମ ବର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ମାଘମାସ ଶୁକ୍ଳପକ୍ଷ ଦ୍ୱିତୀୟା ଅଧିବାସ ଓ ଅଙ୍କୁରାରୋପଣ । ସୋମବାର ମାଘମାସ ଶୁକ୍ଳପକ୍ଷ ତୃତୀୟା କଳସ ଯାତ୍ରା, ଜଳାଧିବାସ, ମଣ୍ଡଳକରଣ, ସୂର୍ଯ୍ୟାଗ୍ନି ଆନୟନ ସୂର୍ଯ୍ୟପୂଜା,ଗୋପୂଜା,ଚଣ୍ଡି ପାଠ, ପୁଷ୍ପାଞ୍ଜଳି ଓ ନାମସଂକୀର୍ତ୍ତନ ଛମଙ୍ଗଳବାର ମାଘମାସ ଚତୁର୍ଥୀ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳପୂଜା, ନାରାୟଣୀଙ୍କ ଷୋଡଶଉପଚାର ପୂଜା, ଚଣ୍ଡୀପୂଜା ସନ୍ଧ୍ୟା ଆଳତି ପୁଷ୍ପାଞ୍ଜଳି ।ବୁଧବାର ମାଘମାସ ଶୁକ୍ଳପକ୍ଷ ଶ୍ରୀପଞ୍ଚମୀ ସୂର୍ଯ୍ୟପୂଜା, ପୂର୍ବଦିନ ର ସମସ୍ତ ପୂଜାବିଧି,ଚଣ୍ଡୀହବନ,ପୂର୍ଣାହୂତି, ମହାଆରତି,ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଛଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଗ୍ରାମର ଶ୍ରଦ୍ଧାଳୁ ଭକ୍ତମାନେ କଳସ ଧରି ଦାମୋଦରପୁର ଠାରୁ ବାହାରି ଦୟାନଦୀରୁ କଳସରେ ପାଣିଆଣି ଯଜ୍ଞମଣ୍ଡପରେ ରଖିଥିଲେ। ଏହିକାର୍ଯ୍ୟମରେ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଭାଇଚାରା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା ।

## Ópe:f{Ó ÿeZÿ É•eqÁÿ Óupe

ଖଣ୍ଡପଡା,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ପଣ୍ଡାଙ୍କ ଏକାଦଶାହ ଉପଲକ୍ଷେ ସିଧାମୂଳା ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି ।ସ୍ମୃତିଚାରଣ ସଭାରେ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନକରିଥିଲେ । ସ୍ୱର୍ଗତ ପଣ୍ଡା ଏକାଧାରରେ ଥିଲେ ଜଣେ ସମାଜସେବୀ ଓ ବିଶିଷ୍ଟବ୍ୟବସାୟୀ । ।ନୀୟ ଅଂଚଳର ବିଭିନ୍ନ ଅନୁଷ୍ଠାନ ସହ ସେ ଜଡିତ ଥିଲେ ।ସ୍ମୃତିଚାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ,ଦୁଷ୍ମନ୍ତ କୁମାର ସ୍ୱାଇଁ, ଶିକ୍ଷାବିତ୍ ମହେଶ୍ୱର ରଣା, କଳାକାର ପ୍ରଦୀପ କୁମାରଅତବୁଦ୍ଧିଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ଗଣ ମାଧ୍ୟମର ପ୍ରତିନିଧିମାନେ ଯାଗଦେଇଥିଲେ । ସ୍ୱର୍ଗତ ପଣ୍ଡାଙ୍କ ବଡପୁଅ ତଥା ସାମ୍ବାଦିକ ନିରଂଜନ ପଣ୍ଡାସ୍ମୃତିଚାରଣ ସଭାରେ ସଂଯୋଜନା କରିଥିଲେ । ମାତୃମଣ୍ଡଳୀର ସଦସ୍ୟାମାନେ ଭଜନଓ ସଂକୀର୍ତନ ପରିବେଷଣ କରିଥିଲେ ।

# ୧୦ କୋଟି ଅନୁଦାନରେ ଚାଲିଛି ୨୦ପଞ୍ଚାୟତର ବିକାଶ




ଭାପୁର,(ସବ୍ୟୁ) :ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ପ୍ରତି ପଞ୍ଚାୟତକୁ ଆମ ଓଡିଶା ନବୀନ ଓଡିଶାରେ ୫୦ ଲକ୍ଷ ଅନୁଦାନ ମିଳିଛି। ଏହି ଅନୁଦାନରେ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଜାରିରହିଛି । ଏହି ଅବସରରେ ବ୍ଲକ ର ଆମ ଓଡିଶା ନବୀନ ଓଡିଶାର ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ରବିବାର ଦିନ କଇଁଫୁଲିଆ ଏବଂ ଫତେଗଡ଼ ପଞ୍ଚାୟତ ରେ ଶିବିରକୁ ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ବ୍ଲକ ଉପାଧ୍ୟକ୍ଷ ତଥା କଇଁଫୁଲିଆ ସମିତି ମେମ୍ବର ବେଣୁଧର ପ୍ରଧାନ । ଏହି ପରିପ୍ରେକ୍ଷୀରେ କଇଁ ଫୁଲିଆରେ ହୋଇ ଥିବା ବିକାଶକୁ ସରପଞ୍ଚ ରମେଶ ପ୍ରସାଦ ରାଉତ ଲୋକଙ୍କୁ ଅବଗତ କରିଥିଲେ । ୫୦ ଲକ୍ଷ ରେ ୧୫ପ୍ରକଳ୍ପ ର୍ନିମାଣଧୀନ ରହିଥିବା ସରପଞ୍ଚ ସୂଚନା ଦେଇଥିଲେ । ୬୭୮ଜଣଙ୍କୁ ବିଜୁ ସ୍ୱାସ୍ଥ୍ୟ,୫୭୧ଜଣ ଙ୍କୁ କାଳିଆ ଯୋଜନା,୪୪୭ଜଣଙ୍କୁ ଭତ୍ତା,୪୪ଏସ ଏଚ ଜି ଙ୍କୁ ଋଣ ପ୍ରଦାନ,୬୭୮ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଜନା,୧୧୩ ମହିଳାଙ୍କୁ ମମତା ଯୋଜନା, ଆମ ବ୍ୟାଙ୍କ ଏବଂ ଲକ୍ଷ୍ମୀ ଯୋଜନା ରେ ସାମିଲ ଆଦି ମୁଖ୍ୟମନ୍ତ୍ରୀ ଙ୍କ ଆମ ଓଡିଶା ନବୀନ ଓଡିଶାର ସଫଳତା ବୋଲି ଲିଫ ଲେଟ ମାଧ୍ୟମରେ ପାଲା ବାୟକ ଯଦୁନାଥ ଜେନା ଯୋଜନା ସମ୍ପର୍କୀୟ ପାଲା ପରିବେଷଣ କରିଥିଲେ । ବି ଜେ ଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ଧର୍ମେନ୍ଦ୍ର ଧଳ, ସନ୍ତୋଷ ତ୍ରିପାଠୀ, ସମିତି ବାଳଗୋପାଳ ଷଡ଼ଙ୍ଗୀ, ତପନ ମହାପାତ୍ର, ଦଳ ସଭାପତି ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଫତେଗଡ଼ ରେ ସମିତି ବଇଁଶୀଧର ସୁବୁଦ୍ଧି, ପୂର୍ବତନ ସରପଞ୍ଚ ବୈକୁଣ୍ଠ ସାହୁ, ଅଖିଳ ସେଠ, ଯୁଧିଷ୍ଠିର ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ମଂଚାସୀନ ହୋଇ ଯୋଜନା ସମ୍ପର୍କରେ ଅବଗତ କରିଥିଲେ।

# ଯୌତୁକ ନିର୍ଯାତନା : ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ରଣପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ଲୋଧାଚୁଆ ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଥିବା ଦେଖିବାକୁ ମିଳିଛି। ଏହି ଗାଁର ଜନୈକ ବିବାହିତା ମହିଳାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିଲାବେଳେ ଯୌତୁକ ଜନିତ ର୍ନିଯ୍ୟାତନା ଯୋଗୁ ଏଭଳି ଘଟିଲା ବୋଲି ମୃତ ମହିଳାଙ୍କ ବାପା ଘର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।ଅଭିଯୋଗ ମୁତାବକ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ଗୋବିନ୍ଦପୁର ସାହିର କୃଷ୍ଣ ବିଶ୍ୱାଳଙ୍କ ଝିଅ ସନ୍ତୋଷୀ ସାହୁ (୨୬), ରଣପୁର ବ୍ଲକ ଅନ୍ତର୍ଗତ ଲୋଧାଚୁଆ ଗାଁର ଦୁର୍ଗା ଚରଣ ସାହୁଙ୍କ ପୁଅ ରଞ୍ଜନ ସାହୁଙ୍କୁ ୨୦୨୦ ମସିହାରେ ବୈଦିକ ରୀତି ଅନୁଯାୟୀ ବିବାହ କରିଥିଲେ। କିନ୍ତୁ ଅଧିକ ଯୌତୁକ ଆଶାରେ ସନ୍ତୋଷୀଙ୍କ ଶ୍ୱଶୁର, ଶାଶୁ ମଞ୍ଜୁ ସାହୁ, ଦେଢଶୁର ଚନ୍ଦନ ସାହୁ ଓ ନଣଦ ମାନେ ମିଶି କୁଆଡେ ଅନେକ ସମୟରେ ନାନାଦି ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଆସୁଥିଲେ। ଏହାକୁ ସହ୍ୟ କରିନପାରି ସନ୍ତୋଷୀ ସର୍ବଦା ମାନସିକ ଦୁଶ୍ଚିନ୍ତାରେ ରହୁଥିଲାବେଳେ ଗତ ୮ମାସ ପୂର୍ବେ ତଳେ ପଡି ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଅଧିକ ଚିକିତ୍ସାର ଆବଶ୍ୟକତା ପଡୁଥିଲାବେଳେ ଶ୍ୱଶୁର ଘର ଲୋକେ ଚିକିତ୍ସା ନକରି ମାତ୍ରାଧିକ ଅବହେଳା କରିଆସୁଥିଲେ।ଫଳରେ ରବିବାର ସନ୍ତୋଷୀଙ୍କ ମୃତ୍ୟୁ ଘଟିଲା ବୋଲି ମୃତ ମହିଳାଙ୍କ ମା' ଟୁନି ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଗିରଫ ହେଲା ଗୋ ମାଂସ ଚାଲାଣକାରୀ ମୁଖ୍ୟ ଅଭିଯୁକ୍ତ




ଗୋପ, (ସବ୍ୟୁ) : ଗୋପ ଥାନା ଅଞ୍ଚଳରେ ଗୋ ମାଂସ ଚାଲାଣ ସମୟରେ ସ୍ଥାନୀୟ ଲୋକମାନେ ଗୋଟିଏ ଗୋ ମାଂସ ଭର୍ତ୍ତି ଗାଡିକୁ ଜବତ କରି ପୋଲିସ ଜିମା ଗଲା ୮ ତାରିଖରେ ଦେଇଥିଲେ ।ପୋଲିସ ଏକ ମକଦ୍ଦମା ରୁଜ କରି ତଦନ୍ତ କରୁଥିବା ବେଳେ ଗୋ ମାଂସ ଚାଲାଣ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।ଖବର ଅନୁସାରେ ଗତ ୮ ତାରିଖ ରାତି ୯ଟା ସମୟରେ ଦୀଘାଳ ପଟୁ ଗୋଟିଏ ପିକପ ଡାଲା ଅଟୋ ଗାଡ଼ିରେ ଗୋ ମାଂସ ଲୋଡ଼ ହୋଇ ଖଡିସ ଗ୍ରାମ ନିକଟରେ ଯାଉଥିବା ବେଳେ ଖଡିସ ଗ୍ରାମର ଏକାଧିକ ଯୁବକ ଗାଡିଟିକୁ ଅଟକାଇ ପୋଲିସ କୁ ସୂଚନା ଦେଇଥିଲେ ।ଗୋପ ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଗାଡି ସହ ଗୋ ମାଂସ କୁ ଜବତ କରି ଗୋପ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲେ। ଘଟଣା ସ୍ଥଳରୁ ଖସିଯାଇଥିବା ଗୋ ମାଂସ ଚାଲାଣ କାରୀ ଓ ଡ୍ରାଇଭର ଘଟଣାର ୪ ଦିନ ପରେ ଅର୍ଥାତ ସୋମବାର ଦିନ ଗୋପ ଆଇଆଇସି ଗୋ ମାଂସ ଚାଲାଣ ର ମୁଖ୍ୟ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।ମୁଖ୍ୟ ଅଭିଯୁକ୍ତ ଦୀଘାଳ ମୁସୁନୁପୁର ଗ୍ରାମର ସେକ ଗୁଲୁଜାର ।ସେ ଗୋଟିଏ ଟାଟାଏସି ଗାଡ଼ି ଦ୍ୱାରା ଗାଁ ମାନଙ୍କ ରୁ ବେଆଇନ ଭାବେ ଗୋରୁଗାଈ କିଣି ସେ ଗୁଡିକୁ ଅତି ନୃଶଂସ ଭାବରେ ମାରି ରାଜ୍ୟ ବାହାରକୁ ଚାଲାଣ କରୁଥିବା ପୋଲିସ ପ୍ରାଥମିକତଦନ୍ତରୁ ସୁରାକ ପାଇବା ପରେ ଗୁଲୁଜାରକୁ ଗିରଫ ପରେ ଗୋ ହତ୍ୟା ଅଭିଯୋଗରେ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି ।ଗୋପ ଅଞ୍ଚଳରେ ଅନେକ ସ୍ଥାନରେ ଗୋ ହତ୍ୟା ସହ ଗୋ ମାଂସ ଚାଲାଣ ହେଉଥିବା ବିଭିନ୍ନ ସମୟରେ ବାରମ୍ବାର ଅଭିଯୋଗ ହେଉଥିଲା।ତେବେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ଅଧିକ ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବିହେଉଛି।

## ଶତାୟୁଙ୍କ ପରଲୋକ

ଫୁଲନଖରା,(ସବ୍ୟୁ) :ବାରଙ୍ଗ ବ୍ଲକ ଉଷୁମା ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ଉଷୁମା ଗ୍ରାମର ଧର୍ମପ୍ରାଣ ଶତାୟୁ ବୃଦ୍ଧ ହଟ କିଶୋର ସାହୁ(୧୦୦)ଙ୍କ ପରଲୋକ ହୋଇଛି ।।ତାଙ୍କ ମୃତୁ ଖବର ପାଇ କଟକ ସଦର ପ୍ରେସ କ୍ଲବର ସଭାପତି ସୁରେନ୍ଦ୍ର ମହାପାତ୍ର, କାର୍ଯକାରୀ ସଭାପତି ଲଳିତ କୁମାର ଦାଶ,ଅଜୟ କୁମାର ଦାଶ, ଶିକ୍ଷାବିତ ଚନ୍ଦ୍ରମଣୀ ପ୍ରଧାନ,ପ୍ରଦ୍ୟୁମ୍ନ କୁମାର ପାତ୍ର,ଗୋବିନ୍ଦ ଚନ୍ଦ୍ର ପାତ୍ର, ସମାଜସେବୀ ବିଶ୍ୱରଂଜନ ଦାସ,ମନୋଜ କୁମାର ପାତ୍ର, ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ପୁତ୍ର କବିପ୍ରସାଦ ସାହୁ,ଜଗବନ୍ଧୁ ସାହୁ,ପଞ୍ଚାନନ ସାହୁ , ନାତି ପାର ରଂଜନ ସାହୁ,ନିରଂଜନ ସାହୁ,ଧିରେନ୍ଦ୍ର ସାହୁ,ଜିତେନ୍ଦ୍ର ସାହୁ,ବସନ୍ତ ସାହୁ,ଧରଣୀଧର ସାହୁ,ସୁମନ୍ତ ସାହୁ ଓ ଅଞ୍ଚଳର ମୁରବିମାନେ ଉପସ୍ଥିତ ଥିଲେ । ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଇ ଗ୍ରାମ ଶ୍ମଶାନରେ ଶେଷକୃତ ସଂପନ୍ନ କରାଯାଇଥିଲା । ବଡ଼ ପୁଅ ରବିନ୍ଦ୍ର ସାହୁ ,ମୁଖାଗ୍ନି ଦେଇଥିଲେ ।

## ଶେଷ ହେଲା ତ୍ରିବେଣୀ ମହୋତ୍ସବ

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ



ବାଲିପାଟଣା , (ସବ୍ୟୁ) : ସୋମବାର ଶେଷ ହୋଇଛି ତ୍ରିବେଣୀ ମହୋତ୍ସବ। ଉତ୍ସବର ଶେଷ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ଦର୍ଶକ ମାନଙ୍କର ମନ ମୋହି ନେଇଥିଲା ।ଏହାପରେ ଜୟଦେବଙ୍କ ଗୀତ ଗୋବିନ୍ଦ ଛନ୍ଦରେ ମୃଦୁ ସଙ୍ଗୀତ ଗୋଷ୍ଠୀ ଓ ଶ୍ରୀଗଣେଶ ଦେବା ଗୀତରେ ଆମଣାକୁଦ ପବ୍ଲିକ ସ୍କୁଲର ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।ଏହାପରେ ସୁମଧୁର ସ୍ୱରରେ ମେଲୋଡି କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ।ହାଲକା ଶୀତ ରାତିକୁ ମତୁଆଲା କରି ସଙ୍ଗୀତ ଶିଳ୍ପୀମାନେ ଭଜନ ଓ ଆଧୁନିକ ସଙ୍ଗୀତ ଇତ୍ୟାଦି ଗାନ କରିଥିଲେ। ଜୟଦେବ ର୍ନିବାଚନ ମଣ୍ଡଳୀର ଆମ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ସମୟରେ ଯେପରି ବିଭିନ୍ନ ପ୍ରକାରର ଦ୍ରବ୍ୟ ବିକ୍ରି ହେଉଥିଲା। ।ଆୟୋଜନର ମୁଖ୍ୟ କମଳ କୁମାର ପାତ୍ରଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ,ପବିତ୍ର ପଟେଲ,ସୁକନ୍ୟା ସେଠୀ,ବିଜେଡି ବ୍ଲକ ସଭାପତି କିଶୋର ଜେନା, ପ୍ରଦୀପ୍ତ ଜେନାମଣି,ପଣ୍ଡିତ ହରିହର ମହାପାତ୍ର,ବିଭିନ୍ନ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟମାନେ ଓ ଅନ୍ୟ ସହଯୋଗୀମାନେ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ।।

## ରାଜ୍ୟସ୍ତରୀୟ ଫାର୍ମାସି ମହାକୁମ୍ଭ ୨୩ରୁ

କଣ୍ଟାପଡ଼ା, (ସବ୍ୟୁ) : ଆସନ୍ତା ୨୩ ରୁ ୨୫ ତାରିଖ ପର୍ଯନ୍ତ ଆୟୋଜନ ହେବ ଫାର୍ମାସି ମହାକୁମ୍ଭ -୨୦୨୪ ।ଏହ ପରିପ୍ରେକ୍ଷୀରେ ସୋମବାର ଦିନ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଥିବା ଦଧିଚି ଫାର୍ମାସି କଲେଜରେ ରାଜସ୍ତରୀୟ ଯୁବ ଫାର୍ମାସି ମହାକୁମ୍ଭ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତହୋଇଥିଲା। ଏଥିରେ ଅନୁଷ୍ଠାନର ଚେୟାରମାନ ଡଃ.ମନୋଜକୁମାର ଦାଶ ଅଧ୍ୟକ୍ଷତା କରି ଉତ୍ସବର ଉଦେଶ ଓଆଭିମୁଖ ସମ୍ପର୍କରେ ସୂଚନା ଦେଇଥିଲେ। ଫାର୍ମାସି କଲେଜ ଅଧ୍ୟକ୍ଷ ଡଃ.ରଜତକୁମାର କର ସମାଜରେ ସଚେତନତାବୃଦ୍ଧି ଏହି ଉତ୍ସବର ମୁଖ ଲକ୍ଷ ବୋଲି କହିଥିଲେ। ଚଳିତ ମାସ ୨୩ ରୁ ୨୫ ତାରିଖ ପର୍ଯନ୍ତ ଆୟୋଜନହେବାକୁ ଥିବା ଏହି କାର୍ଯକ୍ରମରେ ଫାର୍ମାସି ବିଦାର୍ଥୀମାନଙ୍କ ଦକ୍ଷତା ବିକାଶ ତ୍ୱରାନ୍ୱିତ ହେବ ବୋଲି ଉପାଧ୍ୟକ୍ଷ ପ୍ରଫେସର ଶୋଭାବିକାଶ ସ୍ୱାଇଁ ମତ ଦେଇଥିଲେ। କାର୍ଯକ୍ରମକୁ ଅଧିକ ଫଳପ୍ରଦ କରିବା ସକାଶେ ଡଃ.ସତବ୍ରତ ସାହୁ, ଡଃ.ଦୁର୍ଗା ଚରଣ ସାହୁ, ଡଃ.ସନ୍ତୋଷ ପଣ୍ଡା, ପ୍ରଭାତ ରଂଜନ ଗୁରୁ, ଚନ୍ଦ୍ରକାନ୍ତ ଦାସ,ଅନୁ ସ୍ୱନ୍ଦନ ରାଓ, ଅନୀତା ସାହୁ, ଅଙ୍କିତା ଅଂଜଳୀ ସେଠୀଙ୍କୁ କାର୍ଯଭାର ବଣ୍ଟନ କରାଯାଇଥିଲା। ବିନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ, ଡିନ ସଂଗ୍ରାମ ପଟ୍ଟନାୟକ ଓ ଅନ୍ୟମାନେ ଏହି ରାଜସ୍ତରୀୟ ଉତ୍ସବର ସଫଳରୂପାୟନ ନେଇ ନିଜ ନିଜର ମତ ରଖିଥିଲେ।

## ପୋଲିସ ଗାଡି ଧକ୍କାରେ ମହିଳା ଆହତ : ମାମଲା ରୁଜୁ

କାକଟପୁର (ସବ୍ୟୁ) : ଗତ ଶନିବାର ସନ୍ଧ୍ୟାରେ ପୁରୀଜିଲ୍ଲା କାକଟପୁର ଥାନାର କର୍ତ୍ତବ୍ୟରତ ଏ ଏସ ଆଇ ପ୍ରମୋଦ କୁମାର ମିଶ୍ର ନିଜର ଏକ ନାଲି ରଙ୍ଗର ସ୍ୱିଫ୍ଟ କାର ରେ ବାଜପୁର ରୁ କାକଟପୁର ଆସୁଥିବା ରାସ୍ତାରେ ଭାରସାମ୍ୟ ହରାଇ ସାମୁରାଇ ପାଟଣାର ସମ୍ପଦ କୁଣ୍ଡଙ୍କ ସ୍ତ୍ରୀ ମମତା କୁଣ୍ଡଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ଚାଲିଯାଉଥିବା ସମୟରେ ସ୍ଥାନୀୟ ଲୋକମାନେ ମଙ୍ଗଳା ମନ୍ଦିର ନିକଟରେ ଅଟକାଇ କାକଟପୁର ଥାନାକୁ ଜଣାଇଥିଲେ। ଗୁରତର ମମତାଙ୍କୁ ୧୦୮ ଯୋଗେ ଚିକିତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିବା ବେଳେ ଥାନା ପକ୍ଷରୁ ଅଭିଯୁକ୍ତ ଏ ଏସ ଆଇ ଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ସମ୍ପୃକ୍ତ ଏ ଏସ ଆଇ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାପାଇଁ ସାଧାରଣରେ ଦାବୀ ହୋଇଛି । ଥାନା କେଶ ନମ୍ବର ୪୭/୨୪ ରେ ଏକ ମାମଲା ରୁଜୁ କାରାଯାଇ ଅଧିକ ତଦନ୍ତ ଚାଲିଛି ବୋଲି କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । ଅପର ପକ୍ଷରେ ପୁରୀ ନବନିଯୁକ୍ତ ଏ ସ ପି ପିନାକ ମିଶ୍ରଙ୍କୁ ପଚାରିବାରେ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ କାରାଯାଇ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଲକ୍ଷେଶ୍ୱରଙ୍କ ପୀଠରେ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ

ଫୁଲନଖରା,(ସବ୍ୟୁ) :ଫୁଲନଖରା ନିକଟ ନଖରାସ୍ଥିତ ପ୍ରସିଦ୍ଧ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ତ୍ରିବେଣୀ ଅମାବାସ୍ୟା ତିଥିରେ ୨୫ ତମ ବାର୍ଷିକ ଓଡ଼ିଶୀ ସଂର୍କୀନ ମହୋତ୍ସବ ଅନୁଷ୍ଠିତ ହୋଇଛି । ଲକ୍ଷେଶ୍ୱର ଆଞ୍ଚଳିକ ଓଡ଼ିଶୀ ସଂର୍କୀନ ମହାମଣ୍ଡଳୀ ଆନୁକୂଲରେ ଆୟୋଜିତ ଏହି ମହୋତ୍ସବରେ ୫୨ ଦିଗ ଭାଗ ସଂର୍କୀନ ମଣ୍ଡଳୀ ଯୋଗ ଦେଇ ସଂର୍କୀନ ପରିବେଷଣ କରିଥିଲେ । ଏହି ମହୋତ୍ସବକୁ ଆରମ୍ଭ କରିଥିବା ୨୫ଜଣ କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥିରେ ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର , କର୍ପୋରେଟର ସୁକୁମାର ସାହୁ, ଓ ଅଞ୍ଚଳର ମୁରବିମାନେ ଯୋଗ ଦେଇଥିଲେ । ମହନ୍ତ ନଳିନୀ କୁମାର ସ୍ୱାଇଁ, ଅଧିକାରୀ ବିଷ୍ଣୁଚରଣ ପରିଡ଼ା, ସଂପାଦକ ସନ୍ତୋଷ କୁମାର ଦାସ, ଉପସଭାପତି ଅର୍ଜ୍ଜୁନି ପରିଡ଼ା,ଉପଦେଷ୍ଟା ଯୁଧିଷ୍ଠିର ପରିଜା, ପବିତ୍ର ମୋହନ ସ୍ୱାଇଁ,ରମେଶ ଚନ୍ଦ୍ର ମାର୍ଥା,ଆଶୁତୋଷ ସାମନ୍ତରାୟ, ଲକ୍ଷ୍ମୀଧର ବେହେରା, ପ୍ରକାଶ ଚନ୍ଦ୍ର ରଥ,ଅରୁଣ କୁମାର ମିଶ୍ର,ଲିଙ୍ଗରାଜ ସାହୁ ,ବିଜୟ କୁମାର ସ୍ୱାଇଁ,ସଉରି ଜେନା,ପ୍ରଦୀପ କୁମାର ଦାଶ ପ୍ରମୁଖ କାର୍ଯକ୍ରମ ପରିଚାଳନ ।କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅଞ୍ଚଳର ମୁରବି, ବୁଦ୍ଧିଜିବୀ, ସଂସ୍କୃତିପ୍ରେମୀ ,ସଂର୍କୀନ ମହନ୍ତ ଓ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜନ୍ମପୀଠରେ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ

ସାକ୍ଷୀଗୋପାଳ ,(ସବ୍ୟୁ) : ସୋମବାର ସନ୍ଧ୍ୟାରେ ଆଚାର୍ଯ୍ୟ ହରିହର ଦାସଙ୍କ ୧୪୬ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଆଚାର୍ଯ୍ୟଙ୍କ ଜନ୍ମପୀଠ ଶ୍ରୀରାମଚନ୍ଦ୍ରପୁରଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦଙ୍କ ମିଳିତ ସହଯୋଗରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇ ପୁରସ୍କାର ବିତରଣ କରାଯାଇଥିଲା। କବି ରବୀନ୍ଦ୍ରନାଥ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେଛ ସଭା ଆରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ସାହିତ୍ୟିକ ସାତକଡ଼ି ହୋତାଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସତ୍ୟବାଦୀ ଅଞ୍ଚଳର କବି ରଞ୍ଜନ ମିଶ୍ର,ବିଶାଖା ଦେବୀ,ରବୀନ୍ଦ୍ରନାଥ ଷଡ଼ଙ୍ଗୀ,ବିଜୟ ପରିଡ଼ା,ରଶ୍ମି ରଞ୍ଜନ ସାହୁ,ଅନସୂୟା କାଣ୍ଡି,କୃପାନିଧି ପ୍ରଧାନ,ସ୍ନେହଶ୍ରଦ୍ଧା ପ୍ରଧାନ,ସଂପୂର୍ଣାନନ୍ଦ ମିଶ୍ର,ବନ୍ଦନା ମହାପାତ୍ର,ଉପେନ୍ଦ୍ର ମହାରଣା,ଅଭୟ କୁମାର ସାହୁ ପ୍ରମୁଖ ଆଚାର୍ଯ୍ୟଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ସଞ୍ଜୟ କୁମାର ଛୁଆଳସିଂ ସ୍ୱାଗତ ଭାଷଣ ଦେଇଥିଲେ।ବିଶିଷ୍ଟ ସାହିତ୍ୟିକ ଶ୍ରୀ ପୂର୍ଣ୍ଣେନ୍ଦୁ କୁମାର ଦାସ ସ୍ମୃତି ସଭାକୁ ଉଦ୍ଘାଟନ କରିଥିବାବେଳେ ବିଶିଷ୍ଟ ସାହିତ୍ୟିକ ଉପେନ୍ଦ୍ର ପ୍ରସାଦ ନାୟକ ମୁଖ୍ୟ ଅତିଥି ,ବିଶିଷ୍ଟ ସାହିତ୍ୟିକ ଶ୍ରୀ ତ୍ରିନାଥ ହୋତା ସମ୍ମାନନୀୟ ଅତିଥି,ମୁଖ୍ୟ ଅତିଥି ଭାବରେ ଗାଳ୍ପିକ ରବି ପଣ୍ଡା, ଅତିଥି ଭାବରେ ପ୍ରତିମାରାଣୀ ମିଶ୍ରଷଡ଼ଙ୍ଗୀ,ପ୍ରଫେସର ବୃନ୍ଦାବନଚନ୍ଦ୍ର ରଥ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଜୀବନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ସୁସାହିତ୍ୟିକ ସତ୍ୟବାଦୀ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିଭଳି ସତ୍ୟବାଦୀ ବିକାଶ ପରିଷଦ ତରଫରୁ ବକୁଳ ବନସ୍ଥିତ ପଞ୍ଚସଖାଙ୍କ ସମାଧି ପୀଠ ପରିସରରେ ଆଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା ୯ ପରିଷଦର ସଭାପତି ଗୁଣ୍ଡିଚା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଏହି ଜୟନ୍ତୀ ଉତ୍ସବରେ ଭୀମସେନ ମହାପାତ୍ର ରମେଶ ଚନ୍ଦ୍ର ବେହେରା,ନଳିନୀ ବେହେରା,କାଳନ୍ଦୀ ବେହେରା,ବବିନା ମାହାରିକ,ଗୁଣ୍ଡିଚା , ଜୟନ୍ତ ତ୍ରିପାଠୀ,ବୁଦ୍ଧନାଥ ମଳିକ, ସାଧାରଣ ସମ୍ପାଦକ ଅମର କୁମାର ନନ୍ଦ ଯୋଗ ଦେଇଥିଲେ ।